
୦୮ ଜୁନ୍ ୨୦୨୫ ରବିବାର

ସମୟ



# ସ୍ୱପ୍ନ ସାକାର




ଏ ଥର ଆଇପିଏଲକୁ ମିଳିଛି ନୂଆ ବିଜେତା । କାରଣ ପୂର୍ବରୁ ଚେନ୍ନାଇ ଓ ମୁମ୍ବାଇ ୫ଥର ଲେଖାଏଁ, କୋଲକାତା ୩ଥ, ଡେକାନ ଚାର୍ଜସ୍, ସନରାଇଜର୍ସ ହାଇଦ୍ରାବାଦ, ଗୁଜରାଟ ଟାଇଟନ୍ସ ଓ ରାଜସ୍ଥାନ ରୟାଲ୍ସ ଟାଇଟଲ ଜିତିବାର ସୁଃଖଦ ଅନୁଭୂତି ସାଉଁଟି ଥିଲେ । ଏହି ଐତିହାସିକ ସଫଳତାରେ ନିଜକୁ ସାମିଲ କରିଛି ଆରସିବି । ଆଇପିଏଲ୍ ଫାଇନାଲର ସ୍ମୃତି ଏଥର ନିଆରା । ଜୋଶ ହାଜେଲଉଡ୍ ଯେତେବେଳେ ଶେଷ ଓଭରରେ ଦ୍ୱିତୀୟ ଡଟ୍ ବଲ ପକାଇଥିଲେ ସେତେବେଳେ ବିରାଟ କୋହଲିଙ୍କ ମୁହଁ ଅମହଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଲାଗିଥିବା ବଡ଼ ସ୍କ୍ରିନରେ ଦେଖା ଯାଇଥିଲା । ହାଜେଲଉଡଙ୍କ ଦ୍ୱିତୀୟ ଡଟ ବଲ ପରେ ବିରାଟ ନିଜ ଆଖିର ଲୁହକୁ ପୋଛିଥିଲେ । ଓଭରର ଶେଷ ବଲ ଯେତେବେଳେ ପଡ଼ିଲା ସେତେବେଳେ ବିରାଟ ବେଶ ଭାବବିହ୍ୱଳ ହେବା ସହ ପଡ଼ିଆରେ ଆଣ୍ଠେଇ ପଡ଼ିଥିଲେ । ତାଙ୍କୁ ଏପରି ଲାଗିଥିଲା ଯେ, ସତସତିକା ସେ ହାତମୁଠାରେ ସ୍ୱପ୍ନକୁ ତୋଳି ଧରିଛନ୍ତି ।

ତାଙ୍କୁ ଆରସିବିର ଖେଳାଳିମାନେ ଘେରି ଯାଇଥିଲେ । ଆରସିବିର ଦୁଇ ପୂର୍ବତନ ଖେଳାଳି ତଥା ୨୦୧୬ ଆଇପିଏଲ ଫାଇନାଲ ହାରିଥିବା ଦଳରେ ଥିବା ଦୁଇ ତାରକା କ୍ରିସ ଗେଲ୍ ଓ ଏବି ଡିଭିଲିୟର୍ସ ପଡ଼ିଆ ଭିତରେ ପଶି ବିରାଟଙ୍କୁ କୁଣ୍ଢାଇ ପକାଇଥିଲେ । ବିରାଟଙ୍କ ସବୁଠାରୁ ବଡ଼ ସମର୍ଥକ ତଥା ପତ୍ନୀ ଅନୁଷ୍କା ଶର୍ମା ମଧ୍ୟ ସେହି ସମୟରେ ଉପସ୍ଥିତ ଥିଲେ ।

ଆଉ ଏକ ଭାବବିହ୍ୱଳ କରିବା ଭଳି ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ଯେଉଁଥିରେ ବିରାଟ ପୂର୍ବତନ କୋଚ ରବି ଶାସ୍ତ୍ରୀଙ୍କୁ ଡିଆଁ ମାରି କୁଣ୍ଢାଇ ପକାଇଛନ୍ତି । ଫାଇନାଲ ମ୍ୟାଚର ମାହୋଲ ଆରମ୍ଭ ହେବା ଆଗରୁ ସତେ ଯେମିତି ସବୁ କିଛି ବିରାଟଙ୍କ ପାଇଁ ହେଉଥିବା ଅନୁଭବ ହୋଇଥିଲା । ହଜାର ହଜାର ଲୋକ ଜର୍ସି ନମ୍ବର ୧୮ ପିନ୍ଧି ଷ୍ଟାଡିୟମ ଭିତରେ ପ୍ରବେଶ କରିଥିଲେ ।

ବିରାଟ ବିରାଟ ଓ ଆରସିବି ଆରସିବି ନାରାରେ ପୂରା ପରିବେଶ ପ୍ରକମ୍ପିତ ହେଉଥିଲା । ପୂରା ଦର୍ଶକ ଗୋଟିଏ ପକ୍ଷରେ ଥିଲେ । ସେମାନେ ଆରସିବିର ପ୍ରତିଟି ଚୌକା, ଛକା ଓ ୱିକେଟ ବେଳେ ଉତ୍ସାହିତ କରୁଥିଲେ । କିନ୍ତୁ ବିରାଟ ଯେତେବେଳେ ୪୩ ରନରେ ଆଉଟ ହୋଇଗଲେ ସେତେବେଳେ ସେମାନେ ପୂରା ନୀରବ ହୋଇଯାଇଥିଲେ ।




**ଆଇପିଏଲର ୧୮ତମ ସଂସ୍କରଣରେ ଆରସିବିର ଅଧୁରା ସ୍ୱପ୍ନ ପୂରଣ ହୋଇଛି । ୧୮ ବର୍ଷ ପ୍ରତୀକ୍ଷା ପରେ ସତସତିକା ଟ୍ରଫି ତୋଳି ଧରିବାରେ ସଫଳ ହୋଇଛନ୍ତି ବିରାଟ କୋହଲି । କୋହ ସମ୍ବରଣ କରିପାରିନଥିଲେ, ଆଉ ଝରି ଯାଇଥିଲା ଆନନ୍ଦର ଅଶ୍ରୁ। ବିଜୟ ପରେ ପତ୍ନୀ ଅନୁଷ୍କା ଶର୍ମାଙ୍କ ସହ ବିତାଇଥିବା ସେହି କିଛି କ୍ଷଣ ତାଙ୍କ କଷ୍ଟକୁ ଯେମିତି ନିମିଷକେ ଲାଘବ କରି ଦେଇଛି ।**

ଫାଇନାଲ ମ୍ୟାଚର ଶେଷ ବଲ ପରେ ବିରାଟ ପଡ଼ିଆରେ ମୁଣ୍ଡ ତଳକୁ କରି ଆଣ୍ଠେଇ ପଡ଼ିଥିଲେ । ଏତିକି ବେଳେ ତାଙ୍କ ପାଖରେ ପ୍ରଥମ ବ୍ୟକ୍ତି ଭାବେ ଜଣେ କ୍ୟାମେରାମ୍ୟାନ ପହଞ୍ଚିଥିଲେ । ତାଙ୍କର ଗୋଟିଏ କାମ ଥିଲା ବିରାଟଙ୍କ ଇମୋସୋନାଲ ମୁହୂର୍ତ୍ତକୁ କ୍ୟାମେରାରେ କଏଦ କରିବା । ବିରାଟ ପୂର୍ବରୁ କେବେ ବି ଏତେ ମାତ୍ରାରେ ଭାବବିହ୍ୱଳ ହେବା ଦେଖାଯାଇ ନଥିଲା ।


ସେ ତାଙ୍କ କ୍ରିକେଟ କ୍ୟାରିୟରରେ ଅନେକ ସଫଳତା ସାଉଁଟିଛନ୍ତି । ଦେଶ ପାଇଁ ବିଶ୍ୱକପ ଜିତିଛନ୍ତି । ହେଲେ ଯେଉଁ କପକୁ ସେ ୧୮ ବର୍ଷ ହେଲା ଦଖଲ କରିବାକୁ ଚାହୁଁଥିଲେ ଶେଷରେ ଏହା ହାସଲ ହେବା ନିଶ୍ଚିତ ଭାବେ ସ୍ୱତନ୍ତ୍ର ।

# ପୁରସ୍କାର

- ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ କୋଟି
- ରନର୍ସଅପ ପଞ୍ଜାବ କିଙ୍ଗସ୍: ୧୨.୫ କୋଟି
- ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୭ କୋଟି ଓ ୬.୫ କୋଟି ଲେଖାଏଁ
- ଫେୟାର ପ୍ଲେ ଆୱାର୍ଡ: ଚେନ୍ନାଇ ସୁପର କିଙ୍ଗ୍ସ

## ବ୍ୟକ୍ତିଗତ ସମ୍ମାନ

- ଅରେଞ୍ଜ କ୍ୟାପ୍: ସାଇ ସୁଦର୍ଶନ(୭୫୯ରନ୍)
  ପର୍ପଲ କ୍ୟାପ: ପ୍ରସିଦ୍ଧ କ୍ରିଷ୍ଣା(୨୫ ୱିକେଟ୍)
- ମୋଷ୍ଟ ଭ୍ୟାଲୁଏବଲ ପ୍ଲେୟାର: ସୂର୍ଯ୍ୟକୁମାର ଯାଦବ
- ଏମର୍ଜିଂ ପ୍ଲେୟାର ଅଫ ଦି ସିଜନ: ସାଇ ସୁଦର୍ଶନ
- ଷ୍ଟ୍ରାଇକରଲ ଅଫ ଦି ସିଜନ: ବୈଭବ ସୂର୍ଯ୍ୟବଂଶୀ
- ଫାଣ୍ଟାସି ପ୍ଲେୟାର ଅଫ ଦି ସିଜନ: ସାଇ ସୁଦର୍ଶନ
- ସବୁଠାରୁ ଅଧିକ ଛକା: ନିକୋଲାସ ପୁରନ
- ସବୁଠାରୁ ଅଧିକ ଚୌକା: ସାଇ ସୁଦର୍ଶନ
- ଗ୍ରୀନ ଡଟ୍ ବଲ ଅଫ ଦି ସିଜନ: ମହମ୍ମଦ ସିରାଜ
- କ୍ୟାଚ୍ ଅଫ ଦି ସିଜନ: କାମିନ୍ଦୁ ମେଣ୍ଡିସ୍(ଏ ସମସ୍ତ ଖେଳାଳିଙ୍କୁ ବ୍ୟକ୍ତିଗତ ୧୦ ଲକ୍ଷ ଲେଖାଏଁ ଟଙ୍କା)





୧୭ ବର୍ଷର ଅପେକ୍ଷା ଓ ୧୮ ତମ ପ୍ରୟାସରେ ଆରିସିବି ଆଇପିଏଲ ୨୦୨୫ ଟ୍ରଫି ଜିତିଛି । ପୂରା ଆରସିବି ଟିମ ଓ ଏହାର ଫ୍ୟାନ୍ସଙ୍କୁ ଏହି ୧୭ ବର୍ଷ ମଧ୍ୟରେ ଅନେକ କଟାକ୍ଷ ସହିବାକୁ ପଡ଼ିଥିଲା । ଏହାକୁ ମଧ୍ୟ ବିରାଟ ଆଣ୍ଡ କୋ ଭଲ ଭାବେ ବୁଝୁଥିଲେ । ସବୁର ହିସାବ ୧୮ ବର୍ଷରେ ଆରସିବି ନେଇଛି । ରଜତ ପାଟିଦାରଙ୍କ ନେତୃତ୍ୱରେ ଦଳ ପ୍ରଥମଥର ପାଇଁ ଆଇପିଏଲ ଖେଳୁଥିଲା ।

ଆଉ ପ୍ରଥମ ପ୍ରୟାସରେ ରଜତ ଆରିସିବି ସ୍ୱର୍ଣ୍ଣ ଭେଟି ଦେଇଛନ୍ତି । ଚଳିତ ଆଇପିଏଲ ଆରମ୍ଭରୁ ଆରିସିବି ଓ ଏହାର ଫ୍ୟାନ ଇ ସାଲା କପ୍ ନାମଦେର ନାରା ଦେଇଥିଲେ । ଏହି କନ୍ନଡ ନାରାର ଅର୍ଥ ହେଉଛି ଏ ବର୍ଷ କପ ଆମର ହେବ । ବିଜୟ ପରେ ନାରା ବଦଳି ଯାଇଛି । ସମସ୍ତେ କହିଛନ୍ତି ଇ ସାଲା କପ ନାମଦୁ । ଏହାର ଅର୍ଥ ଏ ବର୍ଷ କପ୍ ଆମର ହୋଇଛି । ବିରାଟ କୋହଲି ବିଜୟ ପରେ ଏହି ନାରା ଦେଇଥିଲେ । ଅଧିନାୟକ ରଜତ ପାଟିଦାର ମଧ୍ୟ ପୋଷ୍ଟ ମ୍ୟାଚ୍ ପୁରସ୍କାର ବିତରଣ ଉତ୍ସବ ସମୟରେ ଓ ଟ୍ରଫି ଧରିବା ପୂର୍ବରୁ ଇ ସାଲା କପ ନାମଦୁ ବୋଲି କନ୍ନଡ ଭାଷାରେ ଆରସିବି ଫ୍ୟାନ୍ସଙ୍କୁ କହିଥିଲେ ।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ କେବଳ ଆଇପିଏଲ ଖେଳି ନାହାନ୍ତି ବରଂ ଏହି ଟିମ ଚାମ୍ପିଅନ୍ସ ଲିଗ ମଧ୍ୟ ଖେଳିଥିଲା । ୨୦୧୫ ପୂର୍ବରୁ ଆରସିବି ୩ ଥର ଫାଇନାଲ ଖେଳି ପରାଜୟର ସ୍ୱାଦ ଚାଖିଥିଲା । ସେହିପରି ଚାମ୍ପିଅନ୍ସ ଲିଗରେ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଠାରୁ ହାରିଥିଲା । ଏବେ ଆଇପିଏଲର ୧୮ତମ ସଂସ୍କରଣରେ ଆରସିବିର ଅଧୁରା ସ୍ୱପ୍ନ ପୂରଣ ହୋଇଛି । ଫାଇନାଲରେ ଆରସିବି ପ୍ରଥମେ ବ୍ୟାଟିଂ କରି ୧୯୦ ରନ କରିଥିଲା । ଏହାର ଜବାବରେ ପଞ୍ଜାବ କିଙ୍ଗସ ୧୮୪ ରନରେ ଅଟକି ଯାଇଥିଲା । ବିଗତ କିଛି ବର୍ଷ ବିରାଟଙ୍କ ପାଇଁ ଆଦୌ ଶୁଭଙ୍କର ନଥିଲା । ସେ ଦୁର୍ବଳ ଫର୍ମ, ଦୁର୍ବଳ ଆତ୍ମବିଶ୍ୱାସ, ସମାଲୋଚନା ଓ ମାନସିକ ଚାପ ସହ ସଂଘର୍ଷ କରିଥିଲେ । ଆଇପିଏଲ ସମେତ ବିରାଟ ୩ଟି ଯାକ ଫର୍ମାଟର କ୍ୟାପ୍ଟେନ୍ସି ଛାଡ଼ିଥିଲେ । ଲାଗୁଥିଲା ବିରାଟଙ୍କ ଭିତରେ ଆଉ ସେହି ଖେଳ ନାହିଁ । କିନ୍ତୁ ସେ ସବୁ କିଛି ସହ ଲଢ଼ିବା ଛାଡ଼ି ନଥିଲେ । ୨୦୨୨ରେ ବିରାଟ ଟି-୨୦ ଇତିହାସର ସବୁଠାରୁ ମହାନ ପାଳି ପାକିସ୍ତାନ ବିପକ୍ଷ ମେଲବର୍ଣ୍ଣ ଟି-୨୦ରେ ଖେଳିଥିଲେ ।




ଟି-୨୦ ବିରାଟଙ୍କ ପାଇଁ ନୁହେଁ ବୋଲି ଅନେକ କହୁଥିବା ବେଳେ ସେ ଏକାକୀ ଭାରତକୁ ପାକିସ୍ତାନ ବିପକ୍ଷରେ ବିଜୟ ଭେଟି ଦେଇଥିଲେ । ୨୦୨୩ ଦିନିକିଆ ବିଶ୍ୱକପରେ ସେ ସର୍ବାଧିକ ରନ କରିଥିଲେ । କିନ୍ତୁ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ତାଙ୍କ ହୃଦୟ ଭାଙ୍ଗି ଥିଲା । ତଥାପି ସେ ହାର ମାନି ନଥିଲେ । ୨୦୨୪ ଟି-୨୦ ବିଶ୍ୱକପରେ ସେ ରୋହିତ ଶର୍ମାଙ୍କ ସହ ଓପନ କରିଥିଲେ । ଟୁର୍ଣ୍ଣାମେଣ୍ଟ ସାରା ସେ ସଂଘର୍ଷ କରିଥିଲେ ହେଁ ଫାଇନାଲ ମ୍ୟାଚରେ ୭୬ ରନର ଇନିଂସ ଖେଳିଥିଲେ। ଭାରତ ୨୦୦୭ ପରେ ପୁଣି ଟି-୨୦ ବିଶ୍ୱକପ ଜିତିଥିଲା ।

୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ମଧ୍ୟ ବିରାଟ ଦମଦାର ପ୍ରଦର୍ଶନ କରିଥିଲେ । ଭାରତ ୨୦୧୨ ପରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା । ଏସବୁ ଭିତରେ ବିରାଟ ହଠାତ୍ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ ।

ଟେଷ୍ଟ କ୍ରିକେଟକୁ ବିରାଟ ସବୁବେଳେ ନିଜର ପସନ୍ଦର ଫର୍ମାଟ କହୁଥିଲେ । ଆଇପିଏଲ ଟ୍ରଫି ଜିତିବା ପରେ ମଧ୍ୟ ସେ ଟେଷ୍ଟ କ୍ରିକେଟର ପ୍ରଶଂସା କରିଛନ୍ତି । ସବୁ ସଫଳତା ସତ୍ତ୍ୱେ ତାଙ୍କ କ୍ୟାବିନେଟରେ ଆଇପିଏଲ ଟ୍ରଫି ନଥିଲା । ହେଲେ ବିରାଟଙ୍କ ଖାତାରେ ଆଇପିଏଲ ଟ୍ରଫି ଯୋଡ଼ି ହୋଇଯାଇଛି ।

ଅନ୍ତର୍ଜାତୀୟ କ୍ରିକେଟରେ ବିରାଟ କୋହଲି ପଦର୍ପଣ କରିବା ଦିନଠୁ ଆଇପିଏଲ୍ ମଧ୍ୟ ତାଙ୍କ ଚମକ ଦେଖାଇ ଆସିଛନ୍ତି । ମହେନ୍ଦ୍ର









ସିଂ ଧୋନିଙ୍କ ଭଳି କୋହଲି ଗୋଟିଏ ଦଳ ପକ୍ଷରୁ ନିରନ୍ତର ଭାବେ ଆଇପିଏଲ୍ ଖେଳି ଅଜସ୍ର ଲୋକପ୍ରିୟତା ପାଇଛନ୍ତି । ୨୦୦୮ରୁ ଅଦ୍ୟାବଧି ୨୦୨୫ ପର୍ଯ୍ୟନ୍ତ କ୍ରମାଗତ ୧୮ଟି ସଂସ୍କରଣରେ ଦଳ ସହ ଜଡ଼ିତ ଥିବା କୋହଲି ଏହି ଟ୍ରଫି ପୂର୍ବରୁ ଘୋର ମନସ୍ତାପରେ ଥିଲେ । କାରଣ ତାଙ୍କ କ୍ରିକେଟ କ୍ୟାରିୟର୍ ଏବେ ଅନିଶ୍ଚିତତାରେ ଅଛି । ଟି୨୦ ଓ ଟେଷ୍ଟ ଫର୍ମାଟରୁ ଅବସର ନେଇସାରିଛନ୍ତି । କେବଳ ଦିନିକିଆରେ ତାଙ୍କୁ ଦେଖିବାକୁ ମିଳିବ । ସେ କେତେବେଳେ ଯେ ମନ ପରିବର୍ତ୍ତନ କରିବେ ସେ କଥା ତାଙ୍କୁ ହିଁ ଜଣା । ତେଣୁ କ୍ରିକେଟ ସହ ସମ୍ପର୍କ ଛିନ୍ନ କରିବା ପୂର୍ବରୁ ଲୋକପ୍ରିୟ ଆଇପିଏଲ୍ ଟ୍ରଫି ତୋଳିଧରିବାକୁ ତାଙ୍କ ପାଖରେ ଏଥର ଭଲ ସୁଯୋଗ ଥିଲା । ତାହା ମଧ୍ୟ ସାକାର ହୋଇଛି । ଟି୨୦ ବିଶ୍ୱକପ୍, ଦିନିକିଆ ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି, ଦୁଇଥର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ତଥା ଆଇସିସିର ଆହୁରି ଅନେକ ଇଭେଣ୍ଟ ଖେଳି ସଫଳତା ପାଇଥିବା ଭାରତୀୟ ଦଳର ସେ ଅଂଶୀଦାର ବନିଛନ୍ତି । କିନ୍ତୁ ଆଇପିଏଲ୍‌ରେ ଟ୍ରଫି ତୋଳିଧରିବାକୁ ତାଙ୍କୁ ଦୀର୍ଘ ୧୮ ବର୍ଷ ପ୍ରତୀକ୍ଷା କରିବାକୁ ପଡ଼ିଲା । ଶେଷରେ ତାଙ୍କର ଏହି ଭୋକ ମେଣ୍ଟିଛି । ଆଇପିଏଲ୍ ଭଳି ଲୋକପ୍ରିୟ ପ୍ରତିଯୋଗିତାରେ ବିଜୟ ମୁକୁଟ ପିନ୍ଧିବାର ଗୌରବମୟ ମୁହୂର୍ତ୍ତକୁ ପୁଞ୍ଜିକରି କୋହଲି ଆଗକୁ ବଢ଼ିଛନ୍ତି । ଏଥର ଆଇପିଏଲ୍‌ରେ ଏକ ମହାସଂଯୋଗ ଦେଖିବାକୁ ମିଳିଥିଲା, ତାହା ପୁଣି କୋହଲିଙ୍କ ପାଇଁ । ଆଇପିଏଲ୍‌କୁ ୧୮ ବର୍ଷ ପୂରିଛି । କୋହଲି ମଧ୍ୟ ୧୮ ନିଂ ଜର୍ସି ପିନ୍ଧନ୍ତି । ତଥା ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୧୮ ବର୍ଷ ପ୍ରତୀକ୍ଷା ପରେ ଟ୍ରଫି ଜିତିଛି । ଏଭଳି ସଂଯୋଗ ସହ ଆର୍‌ସିବି ଦଳର ଅଭିଜ୍ଞ ତଥା ପୁରୁଖା ଖେଳାଳି ବିରାଟ କୋହଲିଙ୍କୁ ଅସଲ ଉପହାର ଦେଇଛି ।

ସର୍ବଦା କୋହଲିଙ୍କୁ କ୍ରିକେଟରେ ଆଗେଇବା ପାଇଁ ସମର୍ଥନ ଦେଇଆସିଛନ୍ତି ଅର୍ଦ୍ଧାଙ୍ଗିନୀ ଅନୁଷ୍କା । ତାଙ୍କ ଉପସ୍ଥିତି ବିରାଟଙ୍କୁ ବଳ ଯୋଗାଏ । ତାହା ମଧ୍ୟ ଦେଖିବାକୁ ମିଳିଥିଲା ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ । ଫାଇନାଲରେ ଅନୁଷ୍କା ଉପସ୍ଥିତ ଥିଲେ । ଅବଶ୍ୟ ଏହି ମ୍ୟାଚ୍‌ରେ କୋହଲି ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ । ତଥାପି ଅନୁଷ୍କାଙ୍କ ମୁଖମଣ୍ଡଳର ପ୍ରସନ୍ନତା କୋହଲିଙ୍କୁ ପ୍ରେରିତ କରିଥିଲା । ମ୍ୟାଚ୍ ଶେଷ ହେବାକୁ ଆଉ ୪ଟି ବଲ୍ ବାକିଥାଏ । ହଠାତ୍ କୋହଲିଙ୍କ ମୁଖମଣ୍ଡଳ ବଦଳିଗଲା । ସର୍ବଦା ଚଳଚଞ୍ଚଳ ଦେଖାଯାଉଥିବା କୋହଲି କୁନିପିଲାଙ୍କ ପରି କାନ୍ଦିବାକୁ ଲାଗିଲେ । ଏହା ଦୁଃଖର ନୁହେଁ, ବରଂ ବିଜୟର ଆନନ୍ଦାଶ୍ରୁ । ବିଜୟର ପ୍ରତିଟି କ୍ଷଣକୁ କୋହଲି ନିଜ ମାନସପଟରେ ସାଇତି ରଖିଥିଲେ । ପଡ଼ିଆରେ ସାଥୀ ଖେଳାଳିଙ୍କ ସହ ଖୁବ୍ ସେଲିବ୍ରେସନ କରିଥିଲେ । ପତ୍ନୀ ଅନୁଷ୍କାଙ୍କୁ ଆଲିଙ୍ଗନ କରି ନିଜ ବିଜୟ ବାଣ୍ଟିଥିଲେ । ସାରା ଷ୍ଟାଡିୟମ୍ କେବଳ ବିରାଟ ଧ୍ୱନୀରେ ଗୁଞ୍ଜରିତ ହେଉଥିଲା । ଅଧିକାଂଶ ଦର୍ଶକ ୧୮ନଂ ଜର୍ସି ପରିଧାନ କରି କୋହଲିଙ୍କ ସମର୍ଥନରେ ଏକଜୁଟ ହୋଇଥିଲେ । ଏସବୁକୁ ପୁଞ୍ଜିକରି କୋହଲି ନିଜ ଅଧୁରା ସ୍ୱପ୍ନକୁ ପୂରଣ କରିଛନ୍ତି ।

୨୦୦୮ରେ ଆଇପିଏଲ୍ ଜନ୍ମ ସହ ନୂଆ ଦଳ ବେଙ୍ଗାଲୁରୁକୁ କିଣିଥିଲେ କିଙ୍ଗ୍‌ଫିସର ମାଲିକ ବିଜୟ ମାଲ୍ୟା । ତାଙ୍କର ଗୋଟିଏ ସ୍ୱପ୍ନ ଥିଲା ଆର୍‌ସିବି ଆଇପିଏଲ୍ ଟ୍ରଫି ଜିତିବ ଏବଂ ବେଙ୍ଗାଲୁରୁରେ ଧୂମ୍‌ଧାମ୍‌ରେ ବିଜୟ ଉତ୍ସବ ପାଳନ ହେବ । ତାଙ୍କର ଏହି ସ୍ୱପ୍ନ ପୂରଣ ହେବାକୁ ୧୮ ବର୍ଷ ଲାଗିଗଲା । ଦେଶାନ୍ତର ବିଜୟ ମାଲ୍ୟା





ଯେତେବେଳେ ଆର୍‌ସିବି ଚାମ୍ପିୟନ ହେବା ଖବର ଶୁଣିଲେ ତତ୍‌କ୍ଷଣାତ୍ ସୋସିଆଲ୍ ମିଡିଆ ଟୁଇଟର୍‌ରେ ଟୁଇଟ୍ କରି ଦଳ ତଥା ସମସ୍ତ କର୍ମକର୍ତ୍ତାଙ୍କୁ ବଧେଇ ଜଣାଇଥିଲେ । ସେ ଟୁଇଟ୍‌ରେ ଲେଖିଥିଲେ ଯେ ୧୮ ବର୍ଷ ତଳେ ମୁଁ ଯେଉଁ ନବାଗତଙ୍କୁ ଚୟନ କରିଥିଲି ସେ ଆଜି ଦଳକୁ ସଫଳ କରାଇଛନ୍ତି । କେବେ ବି ଦଳ ଛାଡ଼ି ଅନ୍ୟତ୍ର ଯାଇନାହାନ୍ତି । ସେ ସମୟରେ ମୋର ନିଷ୍ପତ୍ତି ମୁଁ ଭାବୁଛି ଠିକ୍ ଥିଲା । ଆଗକୁ ମଧ୍ୟ ବିରାଟ କୋହଲି ଆର୍‌ସିବି ସହ ଯୋଡ଼ିହୋଇ ରହିବେ ବୋଲି ମୋର ଆଶା ଓ ବିଶ୍ୱାସ । ମାଲ୍ୟାଙ୍କ ଇଚ୍ଛା ଅନୁଯାୟୀ ଆର୍‌ସିବିର ସମସ୍ତ କର୍ମକର୍ତ୍ତା, ଖେଳାଳି ଆଇପିଏଲ୍ ଟ୍ରଫି ଧରି ବେଙ୍ଗାଲୁରୁ ଫେରିଥିଲେ । ବିମାନବନ୍ଦରଠାରୁ ଆରମ୍ଭ କରି ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ସବୁଠି ଲୋକାରଣ୍ୟ ଥିଲା । ଟ୍ରଫିକୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

## କ୍ୟାପ୍ ଲଢ଼େଇ

ଏଥର କ୍ୟାପ୍ ଲଢ଼େଇ ବି ଜୋର୍‌ଦାର ଥିଲା । ଅରେଞ୍ଜ କ୍ୟାପ୍ ହାତେଇବାକୁ ବହୁ ଦେଶୀ, ବିଦେଶୀ ବ୍ୟାଟର ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇଥିଲେ । ତେବେ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଅରେଞ୍ଜ କ୍ୟାପ୍ ହାତେଇବାରେ ସଫଳ ହୋଇଛନ୍ତି । ତାଙ୍କ ପ୍ରଦର୍ଶନ ମଧ୍ୟ ପ୍ରଶଂସନୀୟ ଥିଲା । ସେ ୧୫ଟି ମ୍ୟାଚ୍ ଖେଳି ୭୫୯ ରନ୍ କରିଥିଲେ । ୧୦୮ ରନ୍ ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର । ସେ ଏହି ୧୫ଟି ଇନିଂସ୍‌ରେ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ମାରିଥିଲେ । ତାଙ୍କ ତଳକୁ ଦ୍ୱିତୀୟ ସ୍ଥାନରେ ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟକୁମାର ଯାଦବ ରହିଛନ୍ତି । ସେ ୧୬ଟି ମ୍ୟାଚ୍ ଖେଳି ୭୧୭ ରନ୍ କରିଥିଲେ । ୫ଟି ଅର୍ଦ୍ଧଶତକ ସହ ୬୯ଟି ଚୌକା ଓ ୩୮ଟି ଛକା ତାଙ୍କ ବ୍ୟାଟ୍‌ରୁ ଦେଖିବାକୁ ମିଳିଥିଲା । ବିରାଟ କୋହଲି ଏହି ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି । କୋହଲି ୧୫ଟି ମ୍ୟାଚ୍ ଖେଳି ୬୫୭ ରନ୍ କରିଥିଲେ । ସେ ୮ଟି ଅର୍ଦ୍ଧଶତକ ସହ ୬୬ ଚୌକା ଓ ୧୯ଟି ଛକା ମାରିଥିଲେ । ଗୁଜରାଟର ଅଧିନାୟକ ଶୁଭମନ ଗିଲ୍ ୧୫ ମ୍ୟାଚ୍‌ରୁ ୬୫୦ ରନ୍ ସହ ତାଲିକାର ଚତୁର୍ଥ ସ୍ଥାନରେ ଅଛନ୍ତି । ସେ ୬ଟି ଅର୍ଦ୍ଧଶତକ ସହ ୬୨ଟି ଚୌକା ଓ ୨୪ଟି ଛକା ମାରିଥିଲେ । ବିଦେଶୀ ଖେଳାଳିଙ୍କ ମଧ୍ୟରେ ଲକ୍ଷ୍ନୌ ସୁପର୍‌ଜ୍ୟାଣ୍ଟ୍ସ ପାଇଁ ଖେଳିଥିବା ମିଚେଲ ମାର୍ଶ ୧୩ ମ୍ୟାଚ୍‌ରୁ ୬୨୭ ରନ୍ କରିଥିଲେ । ୧୧୭ ରନ୍‌ର ଶତକୀୟ ଇନିଂସ୍ ସାଙ୍ଗକୁ ୬ଟି ଅର୍ଦ୍ଧଶତକ ହାସଲ କରିଥିଲେ ।

ସେହିଭଳି ପର୍ପଲ କ୍ୟାପ୍ ଦୌଡ଼ରେ ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣା ସବୁଠୁ ଆଗରେ ରହିବା ସହ କ୍ୟାପ୍ ହାତେଇଥିଲେ । ୧୫ ମ୍ୟାଚ୍‌ରୁ ସେ ୨୫ ଉଇକେଟ ହାତେଇଥିଲେ । ଗୁଜରାଟ ଆଇପିଏଲ୍‌ର ଫାଇନାଲ ଯାଇ ନ ଥିଲେ ମଧ୍ୟ ଉଭୟ ପର୍ପଲ ଓ ଅରେଞ୍ଜ କ୍ୟାପ୍ ହାତେଇବାରେ ସଫଳ ହୋଇଛି । ଅର୍ଥାତ୍ ଗୁଜରାଟ ଦଳର ବ୍ୟାଟର ଓ ବୋଲର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସମ୍ମାନିତ ହୋଇଛନ୍ତି । ଚେନ୍ନାଇ ସୁପର୍‌କିଙ୍ଗ୍ସର ନୁର୍ ଅହମ୍ମଦ ୨୪ ଉଇକେଟ, ବେଙ୍ଗାଲୁରୁର ଜୋସ୍ ହାଜଲେଉଡ୍ ୨୨, ମୁମ୍ବାଇର ଟ୍ରେଣ୍ଟ ବୋଲ୍ଟ ୨୨ ଏବଂ ପଞ୍ଜାବ କିଙ୍ଗ୍ସର ଅର୍ଶଦୀପ ସିଂ ୨୧ ଉଇକେଟ ଦଖଲ କରିଥିଲେ ।

ଏହି ସଂସ୍କରଣ ପୂର୍ବରୁ ଆର୍‌ସିବି ଭଳି ପଞ୍ଜାବ କିଙ୍ଗ୍ସ ଆଇପିଏଲ୍ ଟାଇଟଲ ହାସଲ କରିପାରି ନ ଥିଲା । ୧୧ ବର୍ଷ ପରେ ଆଉଥରେ ଫାଇନାଲ ଖେଳିବାର ସୁଯୋଗ ପାଇଥିଲା । ଶ୍ରେୟାସ ଆୟର ଦଳର ନେତୃତ୍ୱ ନେଇଥିଲେ । ଯୁବ ନେତୃତ୍ୱରେ ଦଳ ଲିଗ୍ ପର୍ଯ୍ୟାୟରୁ ଫାଇନାଲ୍ ପର୍ଯ୍ୟନ୍ତ ଜମାଣିଆ ପ୍ରଦର୍ଶନ ଦେଖାଇଥିଲା । ସମସ୍ତଙ୍କ ଆଶା ଥିଲା ଏଥର ପଞ୍ଜାବ ଟାଇଟଲ ଜିତିବ । କାରଣ ୨୦୧୪ରେ ଦଳ ଅଳ୍ପକେ ଟାଇଟଲରୁ ବଞ୍ଚିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା । ଗତ ସଂସ୍କରଣର ବିଜେତା କୋଲ୍‌କାତା ନାଇଟ୍ ରାଇଡର୍ସର ଅଧିନାୟକ ଥିବା ଶ୍ରେୟାସ ପଞ୍ଜାବକୁ ଫାଇନାଲ୍ ପର୍ଯ୍ୟନ୍ତ ନେଇଥିଲେ । ତେଣୁ ଦଳ ଜିତିବାର ଆଶା ଅଧିକ ଥିଲା । ଠିକଣା ସମୟରେ ଆୟରଙ୍କ ବ୍ୟାଟିଂ ବିଫଳତା ଯୋଗୁ ପ୍ରୀତି ଜିଣ୍ଟାଙ୍କ ପଞ୍ଜାବ କିଙ୍ଗ୍ସ ଆଇପିଏଲ୍ କିଙ୍ଗ୍ ହୋଇପାରିଲା ନାହିଁ । ଦ୍ୱିତୀୟ ଥର ଦଳ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି ।

## ଯୁବକଙ୍କ ଜଲ୍‌ୱା

ଏଥର ଆଇପିଏଲ୍‌ରେ ଏକାଧିକ ଯୁବ ଖେଳାଳି ଚର୍ଚ୍ଚାକୁ ଆସିଛନ୍ତି । ସେମାନେ ହେଲେ ବୈଭବ ସୂର୍ଯ୍ୟବଂଶୀ, ପ୍ରିୟଂଶ ଆର୍ଯ୍ୟ, ବିଘ୍ନେଶ





ପୁଥୁର, ଆୟୁଷ ମାହାତ୍ରେ, ବିପ୍ରଜ ନିଗମ । ଏମାନଙ୍କ ମଧ୍ୟରେ ସବୁଠୁ ଚର୍ଚ୍ଚାରେ ଥିଲେ ବିହାରର ୧୪ ବର୍ଷର ବାଳକ ବୈଭବ ସୂର୍ଯ୍ୟବଂଶୀ । ଆଇପିଏଲ୍ ପୂର୍ବରୁ ନିଜ ବୟସକୁ ନେଇ ଖୁବ୍ ବିବାଦରେ ଥିବା ବୈଭବ ଆଇପିଏଲ୍ ଆରମ୍ଭ ହେବା ପରେ ଜମାଣିଆ ପ୍ରଦର୍ଶନ କରି ସେତିକି ସୁଖ୍ୟାତି ଅର୍ଜନ କରିଛନ୍ତି । ରାଜସ୍ଥାନ ରୟାଲ୍ସ ଦଳ ସହ ଯୋଗଦେବା ପରେ ସେ ନିଜର ୧୪ତମ ଜନ୍ମଦିନ ସାଥୀ ଖେଳାଳିଙ୍କ ସହ ପାଳିଥିଲେ । ଏତେ ଛୋଟ ପିଲାକୁ ଏଥର ଖେଳିବାର ସୁଯୋଗ ଆରମ୍ଭରୁ ମିଳି ନ ଥିଲା । କିନ୍ତୁ ଦଳ କ୍ରମାଗତ ଖରାପ ପ୍ରଦର୍ଶନ ତଥା ଖେଳାଳିଙ୍କ ଆହତ ସମସ୍ୟା ଯୋଗୁ ବୈଭବଙ୍କୁ ପଡ଼ିଆକୁ ଓହ୍ଲାଇବାର ସୁଯୋଗ ମିଳିଥିଲା । ଯଶସ୍ୱୀ ଜୟସ୍ୱାଲଙ୍କ ସହ ଇନିଂସ୍ ଓପନ କରି ବୈଭବ ଆରମ୍ଭରୁ ଚହଳ ପକାଇଦେଇଥିଲେ । ଗୁଜରାଟ ବିପକ୍ଷରେ ୩୫ ବଲ୍‌ରୁ ଶତକ ମାରି ସବୁ ରେକର୍ଡକୁ ପଛକୁ ଠେଲିଦେଇଥିଲେ । ସର୍ବକନିଷ୍ଠ ଖେଳାଳି ଭାବେ ବୈଭବ ଏପରି ଖେଳିଲେ ଯେ ରାଜସ୍ଥାନ ରୟାଲ୍ସର ମାଲିକ ତାଙ୍କୁ ଉପହାରରେ ସୁନା ଚେନ ଦେଇଥିଲେ । ଗାଡ଼ି ମଧ୍ୟ ମିଳିଥିଲା । ଭଦ୍ର, ନମ୍ର ଓ ଶିଖିବାର ଅଜସ୍ର ଇଚ୍ଛା ବୈଭବଙ୍କ ପାଖରେ ଭରି ରହିଛି । ଚେନ୍ନାଇ ବିପକ୍ଷରେ ପଡ଼ିଆରେ ଚୌକା, ଛକାର ବର୍ଷା କରି ମ୍ୟାଚ୍ ଶେଷରେ ମହେନ୍ଦ୍ର ସିଂ ଧୋନିଙ୍କ ପାଦ ଛୁଇଁ ଯେଉଁ ମହନତା ଦେଖାଇଲେ ତାକୁ ନେଇ ସାରା ବିଶ୍ୱରେ ଢେର୍ ପ୍ରଶଂସା ମିଳିଛି ।

# ସମର ୱେଡିଂ

**ଖରାଦିନେ ହେଉଥିବା ବିବାହକୁ ଯିବା ଆଗରୁ ସମସ୍ତଙ୍କର କଣ ପିନ୍ଧିବେ ସେନେଇ ଚିନ୍ତା ରହିଥାଏ । ଗରମ କାରଣରୁ ନିଜ ପାଇଁ ଆଉଟଫିଟ୍ ବାଛିବା ଖୁବ କଷ୍ଟ ହୋଇଥାଏ । ତେବେ ଆସନ୍ତୁ ଜାଣିବା କିଛି ଆଉଟ୍‌ଫିଟ୍ ସମ୍ପର୍କରେ ଯାହା ଆପଣଙ୍କୁ ଷ୍ଟାଇଲିଷ୍ଟ ଲୁକ ଦେବା ସହିତ ଗରମରୁ ମଧ୍ୟ ଆରାମ ଦେବ ।**

## ରଫଲ ଶାଢି

ଯଦି ଶାଢି ପସନ୍ଦ ତେବେ ଆପଣ ରଫଲ ଶାଢି ବାଛି ପାରିବେ । ଏଥିରେ ବିଭିନ୍ନ ଡିଜାଇନ୍ ସହିତ ଫାବ୍ରିକ୍ ମିଳିଥାଏ, ଯେଉଁଗୁଡିକ ଖୁବ ଷ୍ଟାଇଲିସ ସହିତ ଆରାମ ଦାୟକ ହୋଇଥାଏ । ସେହିଭଳି ଏହି ଶାଢିରେ କିଛି ହାଲୁକା ରଙ୍ଗ ବାଛନ୍ତୁ, ଯାହା ଆପଣଙ୍କୁ ଆରାମ ଦେବ । ଏହି ଶାଢିକୁ ଆପଣ ଡଷ୍ଟି ରୋଜ, କୋରାଲ୍ କିମ୍ବା ମିଣ୍ଟ କଲରରେ ବାଛି ପାରିବେ ।

## ଲାଇଟ୍‌ୱେଟ୍ ଲେହେଙ୍ଗା

ବିବାହରେ ଯଦି ଲେହେଙ୍ଗା ପିନ୍ଧିବାକୁ ଇଚ୍ଛା ତେବେ ଏଥିପାଇଁ ମଧ୍ୟ ଅନେକ ବିକଳ୍ପ ରହିଛି । ବଜାରରେ ଅନେକ ହାଲୁକା ଲେହେଙ୍ଗା ମିଳୁଛି, ଯେଉଁଗୁଡିକ ପିନ୍ଧିଲେ



ଏତେ ଗରମ ହୋଇ ନଥାଏ । ଏଗୁଡିକ ଡିଜାଇନ୍ ଓ କଲର ଖୁବ ସୁନ୍ଦର ହୋଇଥାଏ, ଯାହା ଆପଣଙ୍କୁ ଏକ ଖୁବ ସୁନ୍ଦର ପାରମ୍ପରିକ ଲୁକ ପ୍ରଦାନ କରିବ । ଏହି ଲେହେଙ୍ଗା ସହିତ କିଛି ମିନିମାଲ ଜୁଏଲାରୀ କ୍ୟାରୀ କରନ୍ତୁ ଖୁବ ସୁନ୍ଦର ଲୁକ ମିଳିବ ।

## ହ୍ୟାଣ୍ଡଫ୍ରି ଇଣ୍ଡୋୱେଷ୍ଟର୍ଣ୍ଣ

ଏହା ଏକ ପ୍ରକାର କମ୍ବୋ ଫ୍ୟାଶନ ହୋଇଥାଏ । ଏଥିରେ ଆପଣ ଉଭୟ ଲୁକ୍ ପାଇପାରିବେ । ସେହିଭଳି ଏଗୁଡିକ ହ୍ୟାଣ୍ଡ ଫ୍ରି ହୋଇଥିବାରୁ ଷ୍ଟାଇଲିସ୍ ସହିତ ଆରାମ ଦାୟକ ହୋଇଥାଏ । ଏଥିରେ ବିଭିନ୍ନ ଡିଜାଇନ୍ ମିଳିଥାଏ ଯେଉଁଥିରେ ଉଭୟ ୱେଷ୍ଟର୍ଣ୍ଣ ଓ ଭାରତୀୟ ପୋଷାକକୁ ଷ୍ଟାଇଲ କରାଯାଇଥାଏ ।

## ଲାଇଲନ୍ ଜାକେଟ୍

ଖରାଦିନେ ପୁଅ ମାନଙ୍କ ପାଇଁ ମଧ୍ୟ ୱେଡିଂ ଆଉଟ୍‌ଫିଟ୍ ବାଛିବା କଷ୍ଟ ହୋଇଥାଏ । ତେବେ ପୁଅଙ୍କ ପାଇଁ ଲାଇଲନ୍ ଜାକେଟ୍ ଏକ ଭଲ ଅପସନ୍ ହୋଇଥାଏ । ଏହା ଅନେକ ଦିନରୁ ଫ୍ୟାଶନରେ ରହିଆସିଛି । ଏଥିରେ ବିଭିନ୍ନ କଲର ଓ ଡିଜାଇନ୍ ମାର୍କେଟରେ ମିଳିଥାଏ । ସେହିଭଳି ଏଥିରେ ହୋଇଥିବା ଏମ୍ବ୍ରୋଡୋରୀ ୱାର୍କ ସମସ୍ତଙ୍କୁ ପସନ୍ଦ ଆସିଥାଏ ।

## ଡ୍ରାପ୍ କୁର୍ତ୍ତା

ପୁଅଙ୍କ ପାଇଁ ଏହା ଖୁବ ଭଲ ବିକଳ୍ପ ହୋଇଥାଏ । ଖରା ଗରମରେ ଏହା ଆରାମ ଦେବା ସହିତ ଷ୍ଟାଇଲିସ୍ ଲୁକ ମଧ୍ୟ ଦେଇଥାଏ । ଏହି କୁର୍ତ୍ତାର ବିଭିନ୍ନ ପ୍ରକାର ଯେପରି ଫ୍ରଣ୍ଟ, ସାଇଡ, ସୋଲ୍ଡର ଡ୍ରାପ ଷ୍ଟାଇଲ ରହିଛି । ସେହିଭଳି ଏହାର ବିଭିନ୍ନ ଫାବ୍ରିକ ଯେପରି ସିଲ୍କ, ଗର୍ଜେଟ୍, କଟନ ଆଦି ମଧ୍ୟ ରହିଥାଏ ।

## ବର କନ୍ୟା

ବିବାହରେ ବର କନ୍ୟାଙ୍କ ଲୁକ୍ ଦେଖିବାକୁ ସମସ୍ତେ ଅପେକ୍ଷା କରିଥାଆନ୍ତି । ତେବେ ଖରାଦିନେ ସେମାନଙ୍କ ପାଇଁ ମଧ୍ୟ ଖୁବ କଷ୍ଟ ହୋଇଥାଏ ନିଜ ଆଉଟଫିଟ୍ ବାଛିବା । ଖରାଦିନେ କନ୍ୟାମାନେ ଲାଇଟ୍‌ୱେଟ୍ ଲେହେଙ୍ଗା କ୍ୟାରୀ କରିପାରିବେ । ଏଗୁଡିକର ଡିଜାଇନ୍ ଓ ରଙ୍ଗ ଖୁବ ଭଲ ହୋଇଥାଏ ଏହି ଲେହେଙ୍ଗା ଗୁଡିକ ବିଭିନ୍ନ ଫାବ୍ରିକ ଯେପରି ସିଲ୍କ, ଚିକନକରୀ, ଲାଇନେନ୍, ଜର୍ଜେଟ ଆଦି ମିଳିଥାଏ । ସେହିଭଳି ଫ୍ଲୋରାଲ ପ୍ରିଣ୍ଟ ଲେହେଙ୍ଗା ଖରାଦିନେ ଖୁବ ମାନିଥାଏ । ସେହିଭଳି ବରମାନେ ମଧ୍ୟ ଖରାଦିନେ ଲାଇଟ୍‌ୱେଟ୍ ଶେରୱାନୀ କ୍ୟାରୀ କରିପାରିବେ । ଏଥିରେ ସେମାନଙ୍କୁ ମିରର ୱାର୍କ, ସେକୁଇନ୍, ଲାଇଟ୍ ପିଙ୍କ, ମିଣ୍ଟ ଗ୍ରୀନ କଲରର ଶେରୱାନୀ ମିଳିଯିବ । ଯେଉଁଗୁଡିକ ତାଙ୍କୁ ରୟାଲ ଲୁକ ଦେବା ସହିତ ଆରାମ ମଧ୍ୟ ଦେବ ।











ମୃଣାଳ
mrinalchatterjeeiimc@gmail.com

## ବାହାଘରରେ ଡିଜିଟାଲ ପ୍ରଯୁକ୍ତି

ଏବେ ହ୍ୱାଟ୍ସଆପ୍‌ରେ ଗୋଟେ ବାହାଘର ଇ- ନିମନ୍ତ୍ରଣ ପତ୍ର ପାଇଲି । ସେଥିରେ ଗୀତ ବାଦ୍ୟ ବରବଧୂର ପ୍ରାକ-ବିବାହ ଭିଡିଓ ସହ କନ୍ୟା ପିତାର ଭିଡିଓ ଅନୁରୋଧ ଥିଲା: ଅନୁଗ୍ରହ କରି ଆସି ନବବିବାହିତ ଦମ୍ପତିଙ୍କୁ ଆଶୀର୍ବାଦ କରିବା ହେବେ । ବାହାଘରଟି କେଉଁଠି ହେଉଛି, ସେଠିକି କେମିତି ଯିବେ - ତାହା ଜାଣିବ ପାଇଁ କ୍ୟୁଆର୍ କୋଡ୍ ସ୍କାନ କରିବାକୁ ଅନୁରୋଧ କରାଯାଇଥିଲା । ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲି । ବରକନ୍ୟା ସଜବାଜ ହୋଇ ମଞ୍ଚ ଉପରେ ବିରାଜିଥିଲେ । ଆଶୀର୍ବାଦ କଲା ଲୋକେ ଆଶୀର୍ବାଦ କରିବା ପାଇଁ ଲାଇନରେ ଠିଆ ହୋଇଥିଲେ । କୋଡ଼ିଏ ପଚିଶ ମିନିଟ ପରେ ମୋର ପାଳି ପଡ଼ିଲା । ମୁଁ ପକେଟରୁ ଆଶୀର୍ବାଦର ଲଫାଫାଟି ବଧୂଙ୍କ ହାତକୁ ବଢଉ ବଢାଉ ମୋ ପଛରେ ଆଉ ଜଣେ ଆଶୀର୍ବାଦ ଦେବାକୁ ଠିଆ ହେଲେଣି । ବଧୂ ମୋତେ କୁନି ନମସ୍କାରଟିଏ କରି ଲଫାଫାଟି ସେଠି ଠିଆ ହୋଇଥିବା ଜଣଙ୍କ ହାତକୁ ବଢ଼େଇଦେଲେ । ମୁଁ ମଞ୍ଚ ତଳକୁ ଆସିଲା ବେଳକୁ ଜଣେ କହିଲେ, ମଉସା ଆପଣ ମୋବାଇଲ ଧରି ଆସିଛନ୍ତି ତ ? ମୁଁ କହିଲି, ହଁ । କାହିଁକି ? - ଆପଣଙ୍କ ମୋବାଇଲକୁ ଏବେ ଗୋଟେ ଓଟିପି ଆସିବ ସେ ଓଟିପିଟା ଖାଦ୍ୟ କାଉଣ୍ଟରରେ ଦେଖେଇଲେ, ଖାଇବାକୁ ମିଳିବ ।



## ଦେଶୀ ଆମ୍ବ

ମୋତେ ବ୍ରାଣ୍ଡେଡ୍ ଆମ୍ବ (ଲେଙ୍ଗଡ଼ା, ଆଲଫନସୋ, ହିମସାଗର, ଆମ୍ରପଲ୍ଲୀ, ଇତ୍ୟାଦି)ଠୁ ଦେଶୀ ଆମ୍ବ ବେଶୀ ଭଲ ଲାଗେ । ଦେଶୀ ଆମ୍ବରେ ଗୋଟେ ରହସ୍ୟ ଅଛି- ମିଠା ହେବ କି ନ ହେବ ? ଟେଷ୍ଟ କେମିତି ହେବ ? ବାସ୍ନା କେମିତି ହେବ ? ମାଂସଳ ହେବ ନା କତାଳିଆ ? ଏସବୁ ଆପଣ ଆଗରୁ ଜାଣି ପାରିବେ ନାହିଁ । ଖାଇଲା ପରେହିଁ ଜାଣିବେ । ବ୍ରାଣ୍ଡେଡ୍ ଆମ୍ବରେ ରହସ୍ୟ କିଛି ନାହିଁ । ଆପଣ ଜାଣନ୍ତି ଲେଙ୍ଗଡ଼ା କେମିତି ଲାଗିବ । ଆମ୍ରପଲ୍ଲୀର ବାସ୍ନା କେମିତି ହେବ । ହିମସାଗରର ସ୍ୱାଦ କ'ଣ । ଦେଶୀ ଆମ୍ବ ସହିତ ପିଲାବେଳର ସ୍ମୃତି ଜଡେଇ ଥାଏ । ଦେଶୀ ଆମ୍ବ ସହିତ ଚନ୍ଦନ ଗନ୍ଧ କୈଶୋର ଫେରି ଆସେ । ଗାଁମୁଣ୍ଡ ଆମ୍ବ ତୋଟା ଫେରି ଆସେ । ଆଉ ଦେଶୀ ଆମ୍ବ ବେଶୀ ଭଲ ଲାଗିବାର ସବୁଠୁଁ ବଡ଼ କାରଣ ହେଲା- ଏହା ଶସ୍ତା । କିଲେ ଆଲଫନସୋ ଟଙ୍କାରେ ପାଞ୍ଚ ସତ କିଲୋ ଦେଶୀ ଆମ୍ବ ହୋଇଯିବ ।

## ଜଷ୍ଟ ଭାବୁଛି

ଶୋଲେରେ ବିରୁ (ଧର୍ମେନ୍ଦ୍ର) ଗବବର ସିଂହ (ଅମଜଦ ଖାନ)କୁ କହିଥିଲା, କୁତ୍‌ତେ, କମିନେ - ମେଁ ତେରା ଖୁନ ପି ଯଉଙ୍ଗା । ଆଚ୍ଛା, ମଶା ଯେତେବେଳେ ମଣିଷ ରକ୍ତ ପିଇବାକୁ ଯାଏ, ସେତେବେଳେ କ'ଣ କହେ ? ପ୍ରସଙ୍ଗ କ୍ରମେ କହିଦିଏ ୧୮ ମେ ହେଲା ଆନ୍ତର୍ଜାତିକ ମ୍ୟାଲେରିଆ ଦିବସ ।



## ଛତା

ଖରା, ବର୍ଷାରେ ଛତା ବେଶୀ ଦରକାର ପଡ଼େ । ତେଣୁ ତା'କଥା ମନେ ପଡ଼େ, ଛତାକୁ ଖୋଜା ଲୋଡ଼ା ହୁଏ । ସେତେବେଳ ଯାଏଁ ବିଚରା ଛତା କଉ ଆଲମାରି କନ୍ଦି, କବାଟ ସନ୍ଧିରେ ଅଳନ୍ଧୁ ବୋଳାବୋଳି ହୋଇ ଠିଆ ହୋଇଥାଏ । ରେନ-କୋଟ, ୱାଟର ରେଜିଷ୍ଟଣ୍ଟ ପଞ୍ଚୁ ଇତ୍ୟାଦି ବାହାରି ଗଲା ପରେ ଛତା ଟିକେ ଡାଉନମାର୍କେଟ ହୋଇଯାଇଛି । କିନ୍ତୁ ମନେ ରଖନ୍ତୁ ଛତାର ଗୋଟେ ଇତିହାସ ଅଛି । ଆମ ସଂସ୍କୃତି ସହିତ ତା'ର ଗଭୀର ସମ୍ପର୍କ ଅଛି ।

ଛତା ମାନବ ଜୀବନରେ ଏକ ପୁରାତନ ଆବିଷ୍କାର, ଯାହାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସୂର୍ଯ୍ୟର ତାପ ଓ ବର୍ଷାରୁ ରକ୍ଷା କରିବା । ଛତାର ଇତିହାସ ପ୍ରାୟ ୪,୦୦୦ ବର୍ଷ ପୁରୁଣା । ପ୍ରାଚୀନ ମିଶର, ଚୀନ ଓ ଭାରତୀୟ ସଭ୍ୟତାରେ ଛତା ବ୍ୟବହାରର ପ୍ରମାଣ ମିଳିଥାଏ । ସେତେବେଳେ ଛତାକୁ ମୂଖ୍ୟତଃ ସୂର୍ଯ୍ୟରୁ ରକ୍ଷା ପାଇଁ ବ୍ୟବହାର କରାଯାଉଥିଲା ଏବଂ ଏହା ଏକ ରାଜସିକ ଓ ଉଚ୍ଚବର୍ଗୀୟ ପ୍ରତୀକ ଥିଲା । ପ୍ରାଚୀନ ଚୀନରେ କାଗଜ ତିଆରି ଛତା ବ୍ୟବହାର ହେଉଥିଲା । ସେମାନେ ପ୍ରଥମେ ଫୋଲଡ଼େବଲ ଛତା ଉଦ୍ଭାବନ କରିଥିଲେ । ପରେ ଏହି ଛତା ୟୁରୋପକୁ ପ୍ରବେଶ କରିଥିଲା, ବିଶେଷ କରି ଗ୍ରୀସ ଓ ରୋମରେ । ୟୁରୋପରେ ଛତାକୁ ଦୀର୍ଘ ସମୟ ଯାଏଁ କେବଳ ମହିଳାମାନଙ୍କ ପାଇଁ ଉପଯୁକ୍ତ ବୋଲି ଧରାଯାଉଥିଲା, କିନ୍ତୁ ୧୮ଶ ଶତାବ୍ଦୀରେ ଇଂଲାଣ୍ଡରେ ଛତା ପୁରୁଷମାନଙ୍କ ମଧ୍ୟରେ ଲୋକପ୍ରିୟ ହେବା ଆରମ୍ଭ କଲା । ଭାରତୀୟ ଉପମହାଦେଶରେ ଛତାର ବ୍ୟବହାର ବହୁ ପ୍ରାଚୀନ କାଳରୁ ଅଛି । ମୋଗଲ ଶାସନକାଳରୁ ଛତା ଶାସକମାନଙ୍କ ଏକ ଗୌରବଚିହ୍ନ ଭାବେ ବ୍ୟବହୃତ ହେଲା । ସାଧାରଣ ଲୋକମାନେ ବ୍ୟବହାରିକ ଦୃଷ୍ଟିକୋଣରୁ ଛତା ବ୍ୟବହାର କରୁଥିଲେ । ଧୀରେ ଧୀରେ ଏହା ଦୈନନ୍ଦିନ ଜୀବନର ଅଂଶ ହେଇପଡ଼ିଲା ।

## ମୋଟା

ମୁଁ ମୋଟା ହୋଇଯାଉଛି । ନବଘନ ପରାମର୍ଶ ଦେଲା, ସକାଳୁ ଉଠି ଗ୍ରୀନ ଟି ପି । ସେଥିରେ ଚିନି କ୍ଷୀର କିଛି ପକେଇବୁ ନାହିଁ । ପାଞ୍ଚ ମାସରେ ତୋ ଓଜନ କମିଯିବ । ବିନା ଚିନି, ବିନା କ୍ଷୀର- ସେ ବସ୍ତୁଟି ଅତି ବେକାର ଲାଗୁଥିଲେ ବି ତାକୁ ପିଇଲି । ପାଞ୍ଚ ମାସ ଜାଗାରେ ଛ ମାସ ପିଇଲି । ମୋ ଓଜନ କିଲେ ବି କମିଲା ନାହିଁ । ନବଘନକୁ ପଚାରିଲି । ସେ କହିଲା, ତୋତେ ଗୋଟେ କଥା କହିବାକୁ ଭୁଲି ଯାଇଥିଲି ।

- କ'ଣ ?

- ଓଜନ କମେଇବା ପାଇଁ ତୁ ନିଜେ ପାହାଡ଼ ଚଢି ଚା ପତ୍ର ତୋଳି ଆଣିବା ଦରକାର । ନ ହେଲେ ଓଜନ କମିବ ନାହିଁ ।

## ଆଜିକାଲି

ଆଜିକାଲି ଲଭ ଆଉ ବ୍ରେକ-ଅପ ଏତେ ଶୀଘ୍ର ହେଉଛି ଯେ ପିଲାମାନେ ଉଭୟ ପାଇଁ ରେଡି ହୋଇ ରହୁଛନ୍ତି । ମୋ ସାଙ୍ଗ ନବଘନ ପୁଅ ଭୀମସେନ କହିଲା, ମୁଁ ଗୁଡ଼ାଏ ସ୍ୟାଡ ସଙ୍ଗ ରଖିଛି । ଗାର୍ଲଫ୍ରେଣ୍ଡ ସହିତ ବ୍ରେକ-ଅପ ହେଲେ ଶୁଣେ ।

## ସମସ୍ୟା

ଏବେ ଏତେ ଗରମ ପଡିଛି ଯେ ରାତିରେ ଆଖିକୁ ନିଦ ଆସୁନି । ତାକୁ ଟାଣି ଟାଣି ଆଣିବାକୁ ପଡୁଛ । ସକାଳେ ଆଖି ପତା ଖୋଲୁନି । ତାକୁ ଖୋଲିବା ପାଇଁ ବହୁତ କସରତ କରିବାକୁ ପଡୁଛି । ଏଇଥିରେ ତ ମଣିଷ ଥକି ଯାଉଛି - କାମ କ'ଣ କରିବ !

## ଜ୍ଞାନ

ସୁନ୍ଦରୀ ଝିଅମାନଙ୍କ ମୋହମୟୀ ଡାକ ଉପେକ୍ଷା କରି ଅନାୟାସରେ ଚାଲି ଯିବାର ଅଲୌକିକ କ୍ଷମତାଧାରୀ ପୁରୁଷଙ୍କୁ 'ରିକ୍ସାବାଲା' କହନ୍ତି । ମୋହମୟୀ ନାରୀ ଦ୍ୱାରା ସର୍ବଦା ପରିବେଷ୍ଟିତ ଥାଇ ବି ଯିଏ ନିଜ କର୍ତ୍ତବ୍ୟରେ ଅବିଚଳିତ ଥାନ୍ତି ତାଙ୍କୁ 'ଗୁପଚୁପାଲା' କହନ୍ତି । ଶ୍ରୀକୃଷ୍ଣ ଅର୍ଜୁନକୁ କହିଲେ, ହେ ପାର୍ଥ - ପ୍ରାଚୀନ କାଳରେ ଆହାର, ନିଦ୍ରା, ପରିବାର, କାମଦାମ - ସବୁ କିଛି ତ୍ୟାଗ କରିବାକୁ ସନ୍ୟାସ କୁହାଯାଉଥିଲା । ଏବେ ତାହାକୁ ଅନ-ଲାଇନ କୁହାଯାଉଛି ।

## ଫୁଟବଲ



ନବଘନ ପହଞ୍ଚିଲା ଜଣେ ମନ-ଚିକିତ୍ସକ (ଇଂରାଜୀରେ ସାଇକ୍ରିଆଟିଷ୍ଟ)ଙ୍କ ପାଖରେ । କହିଲା, ଆଜ୍ଞା ମୁଁ ପ୍ରତିଦିନ ରାତିରେ ଗୋଟିଏ ସ୍ୱପ୍ନ ଦେଖୁଛି ।

- କ'ଣ ?

- ଦି ଦଳ ମାଙ୍କଡ଼ ଫୁଟବଲ ଖେଳୁଛନ୍ତି ।

-ଡାକ୍ତର କହିଲେ, ଆଚ୍ଛା, ସେଥିରେ ସମସ୍ୟା କ'ଣ ?

- ଫୁଟବଲଟା ଆଜ୍ଞା ବଡ଼ କଷ୍ଟ ପାଉଛି । ଏତେଗୁଡ଼ାଏ ମାଙ୍କଡ଼ ଯଦି ଗୋଟିଏ ବଲକୁ ନାତ ମାରିବେ, ବଲକୁ କଷ୍ଟ ହେବନି !


-ହବ । ଆପଣଙ୍କୁ ମୁଁ ଔଷଧ ଦେଇ ଦଉଛି- ଗାଢ଼ ନିଦ ହେବ, ଆଉ ସ୍ୱପ୍ନ ଦେଖିବେ ନାହିଁ ।

- ଦିଅନ୍ତୁ । ଆଚ୍ଛା ଏ ଔଷଧ ଦି ଦିନ ଛାଡ଼ି ଖାଇଲେ ହେବ?

- କାହିଁକି, ଆଜିଠୁଁ ଖାଇବାରେ କ'ଣ ଅସୁବିଧା?

- ଆଜି ସେମାନଙ୍କ ସେମିଫାଇନାଲ, କାଲି ଛାଡ଼ି ପହରଦିନ ଫାଇନାଲ ଆଉ ମୁଁ ହେଲି ଖେଳର ରେଫେରି ।





## ଦୁଇଟି ଭର୍ସନରେ ହେବ ରିଲିଜ


ଅକ୍ଷୟ କୁମାରଙ୍କର ହାଉସଫୁଲ ୫ ପାଇଁ ଦର୍ଶକମାନେ ଖୁବ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି । ତେବେ ଏହାର ରିଲିଜ୍‌କୁ ନେଇ ମେକର୍ସମାନେ ଏକ ଟୁଇଷ୍ଟର ଘୋଷଣା କରିଛନ୍ତି । ସୂଚନା ଅନୁସାରେ ହାଉସ୍‌ଫୁଲ ୫ ଦୁଇଟି ଭର୍ସନରେ ରିଲିଜ୍ ହେବ । ଏହି ଦୁଇଟି ଭର୍ସନର ନାଁ ହାଉସ୍‌ଫୁଲ ୫ଏ ଓ ହାଉସଫୁଲ ୫ବି । ଯାହା ଘୋଷଣା ହେବାପରେ ବର୍ତ୍ତମାନ ଫ୍ୟାନ୍‌ଙ୍କ ଭିତରେ ଉତ୍ସୁକତା ଦେଖିବାକୁ ମିଳିଛି । ଲୋକମାନେ ଏହି ଟୁଇଷ୍ଟକୁ ନେଇ ଏକ୍ସାଇଟେଡ୍ ଅଛନ୍ତି । ସେହିଭଳି ଟୁଇଷ୍ଟର ପ୍ରଭାବ ମଧ୍ୟ ଫିଲ୍ମର ବ୍ୟବସାୟ ଉପରେ ଭଲ ପଡିବ ବୋଲି ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।





## ନୂଆ ଫିଲ୍ମକୁ ନେଇ ଉତ୍ସାହିତ

ଅଦିତି ରାଓ ହାଇଦରୀ ନିଜର ନୂଆ ପ୍ରୋଜେକ୍ଟକୁ ନେଇ ଖୁବ ଖୁସି ଅଛନ୍ତି । ଖୁବଶୀଘ୍ର ତାଙ୍କୁ ଏଏଜେଡ୍ ଫିଲ୍ମ ଓ ଭାନୁଶାଲୀ ଷ୍ଟୁଡିଓର ମିଳିତ ପ୍ରୋଜେକ୍ଟ ପାରିବାରିକ ମନୁରଞ୍ଜନରେ ପଙ୍କଜ ତ୍ରିପାଠୀଙ୍କ ସହିତ ସ୍କ୍ରିନ ସେୟାର କରୁଥିବାର ଦେଖିବାକୁ ମିଳିଛି । ଏହି ଫିଲ୍ମଟି ଦର୍ଶକଙ୍କୁ ମନକୁ ପାଇଥିବାବେଳେ ଏହାର ଚରିତ୍ରକୁ ନେଇ ନିଜେ ଅଦିତି ଖୁବ ଖୁସି ଅଛନ୍ତି । ଜୁନ୍ ୫ରେ ଏହି ଫିଲ୍ମ ରିଲିଜ୍ ହୋଇଛି । ଏଥିରେ ଦର୍ଶକଙ୍କୁ ଏକ ଫ୍ରେସ ପେୟାର ଦେଖିବାକୁ ମିଳିଛି । ପଙ୍କଜ ତ୍ରିପାଠୀଙ୍କ ବଳିଷ୍ଠ ଅଭିନୟ ଓ ଅଦିତିଙ୍କ ଚୁଲବୁଲି ଅନ୍ଦାଜ ସମସ୍ତଙ୍କୁ ପସନ୍ଦ ଆସିଛି । ଫିଲ୍ମରେ ଭରପୁର କମେଡି ଦେଖିବାକୁ ମିଳିଛି, ଯାହା ଦର୍ଶକଙ୍କୁ ପସନ୍ଦ ଆସିଛି ।



## ଭଲପାଇବା ଯୋଜନା କରି ହୁଏ ନାହିଁ

ଧନଶ୍ରୀ ଓ ଚହଲଙ୍କ ବିବାହ ବିଚ୍ଛେଦ ଅନେକ ସମୟ ପର୍ଯ୍ୟନ୍ତ ଚର୍ଚ୍ଚାରେ ରହିଥିଲା । ଏଥିରେ ଚହଲଙ୍କ ଫ୍ୟାନ ଧନଶ୍ରୀଙ୍କୁ ଟ୍ରୋଲ କରୁଥିବାର ମଧ୍ୟ ଦେଖିବାକୁ ମିଳିଥିଲା । ତେବେ ବର୍ତ୍ତମାନ ଉଭୟ ନିଜନିଜ ଜୀବନରେ ଆଗକୁ ବଢିଥିବାର ଦେଖିବାକୁ ମିଳିଛି । ନିଜର ଜୀବନକୁ ନେଇ ନିକଟରେ ଧନଶ୍ରୀ ମନଖୋଲି କଥା ହୋଇଛନ୍ତି । ଭଲପାଇବା ଜୀବନର ଏକ ଭଲ ଅନୁଭବ । ତେବେ ଏହାକୁ ନେଇ କୌଣସି ଯୋଜନା କରାଯାଇ ପାରିବ ନାହିଁ ବୋଲି ଧନଶ୍ରୀ ମତ ଦେଇଛନ୍ତି । ଏହା କେତେବେଳେ କାହା ସହିତ ବି ହୋଇ ପାରିବ । ସେହିଭଳି ଆଗକୁ ମଧ୍ୟ ସେ ଜୀବନରେ କାହାକୁ ଭଲ ପାଇବେ ସେ ନେଇ କିଛି ଭାବି ନାହାନ୍ତି ବୋଲି ଏହି ସାକ୍ଷାତକାରରେ ମତ ଦେଇଛନ୍ତି । ସେହିଭଳି ଭଗବାନଙ୍କ ଉପରେ ତାଙ୍କର ଖୁବ ଭରସା ରହିଛି, ସେ ନିଜ ଜୀବନରେ କୌଣସି ଅସୁବିଧାରେ ପଡିବେ ନାହିଁ ବୋଲି ତାଙ୍କର ବିଶ୍ୱାସ ରହିଛି ।

## ପ୍ରିତିଙ୍କ ଦୁଃଖ

ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ଆଇପିଏଲ ୨୦୨୫ର ଟାଇଟଲ ଜିତିବା ପରେ ଆର୍‌ସିବି ଫ୍ୟାନଙ୍କ ଭିତରେ ଖୁସିର ଲହର ଖେଳିଯାଇଛି । ହେଲେ ଅନ୍ୟପଟେ ଏହି ମ୍ୟାଚ ହାରିଥିବା ପଞ୍ଜାବ କିଂସ୍ସ ଟିମ୍ ଓ ଫ୍ୟାନଙ୍କ ଭିତରେ ଦୁଃଖ ଦେଖିବାକୁ ମିଳିଛି । ଟ୍ରଫିର ଏତେ ପାଖକୁ ଯାଇ ଏହାକୁ ହାତ ଛଡା କରିବା ଖୁବ କଷ୍ଟଦାୟକ ହୋଇଥାଏ । ତେବେ ସୋସିଆଲ ମିଡିଆରେ ବର୍ତ୍ତମାନ ପଞ୍ଜାବ କିଂସ୍ସର ସହ ମାଲିକାଣୀ ପ୍ରିତିଜିଣ୍ଟାଙ୍କର ଏକ ଫଟୋ ଭାଇରାଲ ହେବାରେ ଲାଗିଛି । ଯେଉଥିରେ ପ୍ରିତି ଖୁବ ଉଦାସ ଥିବା ଜଣା ପଡୁଛନ୍ତି । ଫଟୋଟି ତାଙ୍କ ଫ୍ୟାନ୍ ଓ ପଞ୍ଜାବ କିଂସ୍ସର ଫ୍ୟାନ୍‌ଙ୍କୁ ଖୁବ କଷ୍ଟ ଦେଇଛି । ଫଟୋରେ ଫ୍ୟାନ୍‌ଙ୍କର ବିଭିନ୍ନ ଉଦାସୀନ କମେଣ୍ଟ ଦେଖିବାକୁ ମିଳୁଛି ।

## ଏବେ ବି ମନେପଡ଼ନ୍ତି ସୁଶାନ୍ତ

ପବିତ୍ରରିସ୍ତା ଧାରାବାହିକ ଆଜି ବି ଦର୍ଶକଙ୍କ ହୃଦୟରେ ରାଜ କରିଥାଏ । ଏହାର ସ୍ମୃତି ଆଜି ବି ଲୋକଙ୍କ ଭିତରେ ଜୀବନ୍ତ ରହିଛି । ଏହାର ଲିଡ୍ ଯୋଡି ଅଙ୍କିତା ଓ ସୁଶାନ୍ତଙ୍କୁ ଲୋକ ଆଜି ବି ମନେ ପକାଇଥାଆନ୍ତି । ନିକଟରେ ଏହି ଶୋକୁ ୧୬ ବର୍ଷ ପୁରିଛି, ଯେଉଁ ଅବସରରେ ଅଙ୍କିତା ମନଖୋଲି କଥା ହୋଇଛନ୍ତି । ଏବେ ବି ସୁଶାନ୍ତଙ୍କୁ ମନେ ପକାଇ ଥାଆନ୍ତି ବୋଲି ଏଥିରେ ମତ ଦେଇଛନ୍ତି । ସୁଶାନ୍ତ ତାଙ୍କୁ ଏହି ଧାରାବାହିକର ସୁଟିଂ ସମୟରେ ଖୁବ ସାହାଯ୍ୟ କରିଛନ୍ତି । ସେ ଜୀବନରେ କେବେ ବି ତାଙ୍କୁ ଭୁଲି ପାରିବେ ନାହିଁ ବୋଲି ଅଙ୍କିତା ମତ ଦେଇଛନ୍ତି ।



# ଭଲ କାମରେ ରଖିବା ଲୟ

ସତ୍ୟ ପଥକୁ ଆଦରି ଆସ
ଚାଲିବା ଆମେ ବାଟ
ଆସୁ ପଛକେ ଜୀବନେ ଆମ
ଅସହ୍ୟ ଦୁଃଖ କଷ୍ଟ ।।
ଅନ୍ୟାୟ କେବେ କରିବା ନାହିଁ
ମାନବିକତା ଭୁଲି
ଦୁଃଖୀ ଜନଙ୍କ କରିବା ସେବା
ପରାଣ ଆମ ଖୋଲି ।।
ଦେଖିବା ଯଦି ଦୁର୍ନୀତି କାମ
କରିବା ପ୍ରତିବାଦ
ସମୃଦ୍ଧ ଦେଶ ଗଢିବା ଆମେ
ହୋଇ ଏକତାବଦ୍ଧ ।।
ସଦାଚାରୀକୁ ସମ୍ମାନ ଦେବା
ନକରି ଭେଦଭାବ
ଆମେ ଜାଗିଲେ ଅଧର୍ମ ନୀତି
ଦେଶରୁ ଦୂର ହେବ ।।
ଦେଶ ହିତରେ କରିବା କାମ
ହୋଇବା ସ୍ୱାଭିମାନୀ
ନିଜ ସ୍ୱାର୍ଥରେ କେବେ କାହାର
କରିବା ନାହିଁ ହାନ ।।
ଭଲ କାମରେ ରଖିବା ଲୟ
ଆସିବ ନିଶ୍ଚେ ବାଧା
ଦୁଃଖକୁ ଡରି କେଉଁ କାମକୁ
ରଖିବା ନାହିଁ ଅଧା ।।

**ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

# ପରଜାପତି

ପରଜାପତି
ତରକା ଅତି
ତା'ଛିଟ ଡେଣାକୁ
ଦେଖିଦେଲେ କୁନା
ଧରିବାକୁ ବେଗେ
ଯାଏ ତା' କତି ।।
ଖୁସିରେ ବୁଲେ
ଫୁଲରେ ଝୁଲେ
କୁନା ସାଥେ ଖେଳି
ବିଭୋର ହୋଇ ସେ
ମା' ପାଶେ ଯିବାକୁ
ଅଳପ ଭୁଲେ ।।
ମନକୁ ମୋହେ
ଡାଳକୁ ଶୋହେ
ଡଉଲ ଡାଉଲ
ଫୁଲଙ୍କ କାନରେ
ଚୁପିଚୁପି କରି
କି କଥା କହେ ।।
ଫୁଲଙ୍କୁ ଦେଖି
ହସେ ନିରେଖି
କୁନାଟି ଆମର
କଲମ ସଜାଡ଼ି
ତରତର ବସେ
ଗୀତଟେ ଲେଖି ।।
ପରଜାପତି
ଧୀର ତା' ଗତି
କୁନା କହେ
ଆଉ ଚଗଲା ହବନି
ଏଣିକି ରଖିବ
ପାଠରେ ମତି ।।

**ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବେଦବ୍ୟାସ,
ରାଉରକେଲା
ମୋ:୯୦୯୦୩୩୦୮୫୯

# ଅଜା ଆଈ ଗଲେ ଯାତରା ଦେଖି



ଅଜା ଆଈ ଗଲେ ଯାତରା ଦେଖି
ପାନ ଖଣ୍ଡେ ଖଣ୍ଡେ ପାଟିରେ ଜାକି ।
ଚାଲୁଥିଲେ ଦୁହେଁ ଖରା ନମାନି
ଯାତରା ସଉକ ଜମା ଯାଇନି ।
ଯାତରା ସ୍ଥଳରେ ପହଞ୍ଚିଗଲେ
ଘୋଳ ଦହି ପିଇ ଶାନ୍ତି ହୋଇଲେ ।
ଘର ପାଇଁ ନେଲେ ଚଲା ପାଛିଆ
କରିଥିଲା ଚିଠା ବୋହୂ କନିଆଁ ।
ଦେଖିଲେ ସର୍କସ, ଖେଳିଲେ ଦୋଳି
ନାତି ପାଇଁ ନେଲେ ଗାଡି, ପେଁକାଳି ।
ଫେରିଲେ ଘରକୁ ଆନନ୍ଦ ମନେ
ବଖାଣିଲେ ସବୁ ସଭିଙ୍କ କାନେ ।
କହିଲେ ଯାତରା ଆମ ସଂସ୍କୃତି
ମହାନ ତେଣୁ ଏ ଓଡ଼ିଆ ଜାତି ।

**ସୁଜିତ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

# ମାନି ଚଳୁଥିବ...

ସକାଳ ହୋଇଲେ, କାଉ ରାବ ଦେଲେ
ଉଠିପଡେ ମାଆ ବିଛଣା ଛାଡ଼ି
ଘରର ପାଇଟି, କରି ଦେଇ ସିଏ
ଖାଇବା ଦରବ ଦିଏ ସଜାଡ଼ି ।।
ମୁହଁ ଧୋଇ ତୁମେ, ଲାଗିପଡୁ କାମେ
ପଢ଼ିବାକୁ ଯାଅ ନିତି ଦିନ
ଅଳସ ବିଳାସ, ନ ହେବାକୁ ମାଆ
ବୁଝାଉଥାଆନ୍ତି ଦେଇ ଧ୍ୟାନ ।।
କହନ୍ତି ବାବୁରେ, ଯାହା କର ସବୁ
ବୁଝି ବିଚାରି କରିବ ତୁମେ
ଅନ୍ୟାୟ ଅନୀତି, କରିବାକୁ କେବେ
ପାଖ ମାଡିବନି ଜମା ତୁମେ ।।
ବିଦ୍ୟାରୁ ବିନୟ, ଦିଏ ବୋଲି ଜାଣ
ମନରେ ତୁମ୍ଭର ହେଜ ଏହା
ଶ୍ରଦ୍ଧାବାନ ଲଭେ, ଜ୍ଞାନ ଓ ଗରିମା
ମହତ ଜନଙ୍କ ବାଣୀ ତାହା ।।
ଆଦ୍ୟ ଗୁରୁ ବାପା ମାଆଟି ତୁମର
ଶାସ୍ତ୍ର ବାଣୀ ଏହା ଅଟେ ସତ୍ୟ
ଦୀକ୍ଷା ଗୁରୁ, ଶିକ୍ଷାଗୁରୁ, ସହିତ
କଥା ମାନି ଚଳୁଥିବ ନିତ୍ୟ ।।

**ବୁଦ୍ଧଦେବ ସେଠୀ**
ଏନଟିପିସି, ଦୀପଶିଖା, ଅନୁଗୋଳ
ମୋ: ୯୪୩୭୦୧୩୫୩୨

ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।

-'ସମୟ ତରଙ୍ଗ' ପରିବାର



# ପିତା

ଅସ୍ତିତ୍ୱ ତାଙ୍କର ଆକାଶ ସଦୃଶ
ସନ୍ତାନର କଥା ନିତି ମାନୁଥାନ୍ତି
ପରିବାର ମଧ୍ୟେ ମହିଖୁଣ୍ଟ ସମ
ମାନ ସମ୍ମାନର ପିତା ସେ ଅଟନ୍ତି ।।
ତାଙ୍କଠାରୁ ମିଳେ ଆମ ପରିଚୟ
ପରାମର୍ଶଦାତା ଆମ ଭାଗ୍ୟକର୍ତ୍ତା
ଛାଇ ଭଳି ଯିଏ ପଛରେ ଥାଆନ୍ତି
ଘରର ମୁରବି ପିତା ସେ ଅଟନ୍ତି ।।
ତପସ୍ୟା ତାଙ୍କର ସତେ ମହାକାଶ
ସହିଯା'ନ୍ତି କେତେ ଝଡ଼ ଓ ବତାସ
ସନ୍ତାନର ଇଚ୍ଛା କରନ୍ତି ପୂରଣ
ଆଦର୍ଶରେ ଗଢ଼ା ପିତା ଭଗବାନ ।।
ଓଠେ ତାଙ୍କ ଝରୁ ହସର ଝଲକ
ମନ ସଦା ହେଉ ଫୁଲର ମହକ
ପିତା ସ୍ୱର୍ଗ ପିତା ଧର୍ମର ବାହକ
ବନ୍ଦନା କରେ ହୋଇ ନତମସ୍ତକ ।।


**ସୁଧାଂଶୁ ଶେଖର ଦ୍ୱିବେଦୀ**
ସଲଟ ଲେକ, କଲକତା
ମୋ: ୯୬୮୧୩୭୩୫୧୨


# ସେଇ ମୋର ଛୋଟ ଗାଁ

ପାହିଗଲେ ରାତି ଡାକ ଦିଏ ଯହିଁ
ସ୍ନେହମୟୀ ମୋର ମା'
ବାପରେ ଧନରେ ସହଳ ସହଳ
ଶେଯରୁ ତୁ ଉଠିଯା ।।
କିଆରି କିଆରି ଧାନ ସୋରିଷ
ସୁନାରଙ୍ଗ ଯହିଁ ହସେ
ଯେଉଁଠି ପବନ ଭକତିରେ ଗୋଳା
ତୁଳସୀ ତୁଳସୀ ବାସେ ।।
ପଠା କାଶତଣ୍ଡୀ କଣେଇ ଚାହିଁଲେ
ଗଭାରୁ ଗଜରା ଖସେ
ଶ୍ରାବଣକୁ ଛୁଏଁ ଚୋରା ଚଇତାଳି
ପଳାସ ଚହଟି ବାସେ ।।
ସକାଳ ସୁରଜ ମୁରୁଜ ବୁଣଇ
ପବନେ ମହୁଲି ଛୁଆଁ
ଯେଉଁଠି ସଞ୍ଜେ ନୀଳକଇଁ ନୀତି
ଜହ୍ନକୁ ଡାକେ ଆ... ।।
ଭୂଗୋଳ ପୋଥିରେ ନାଁ ନାହିଁ ଯାର
ସେଇ ମୋର ଛୋଟ ଗାଁ... ।।

**ଭାଗ୍ୟଶ୍ରୀ ସାହୁ**
ଗଞ୍ଜାମ
ମୋ:୭୮୪୭୮୬୩୫୯୨







# ମ୍ୟାଟ୍ରିମୋନି ଧୋକା

**ବିବାହ ଆଳରେ ଲୋକଙ୍କୁ ଠକିବା ଉଦ୍ଦେଶ୍ୟରେ ଅନ୍‌ଲାଇନ୍‌ରେ ଯେଉଁ ଛଳନାର ଆୟୋଜନ କରାଯାଏ ତାହାକୁ ବୈବାହିକ ଧୋକା ବା ମ୍ୟାଟ୍ରିମୋନିଆଲ ଫ୍ରଡ୍ କୁହାଯାଏ । ଏହା ସାଧାରଣତଃ ଅନ୍‌ଲାଇନ୍ ମ୍ୟାରେଜ୍ ୱେବ୍‌ସାଇଟ୍ କିମ୍ବା ଆପ୍ ମାଧ୍ୟମରେ କରାଯାଇଥାଏ ।**

ଆଜିର ଆଧୁନିକ ଯୁଗରେ ଆୟୋଜିତ ବିବାହ କଷ୍ଟସାଧ ହୋଇଯାଇଛି । ଏହାର କାରଣ ହେଲେ ମଧ୍ୟସ୍ଥଙ୍କ ଅଭାବ, ଯୁବକଯୁବତୀଙ୍କୁ ସ୍ୱଇଚ୍ଛାରେ ଜୀବନସାଥୀ ଚୟନର ସମ୍ମତି ଓ ଅପେକ୍ଷାକୃତ ସମୟର ଅଭାବ । ଏଥିପାଇଁ ସାଥୀ ଖୋଜିବା ଲାଗି ବିବାହ ଆଶାୟୀ ଓ ସେମାନଙ୍କ ପରିବାରବର୍ଗ ଇଣ୍ଟରନେଟ୍‌ର ସହାୟତା ନେବାକୁ ବାଧ ହେଉଛନ୍ତି । ଉତ୍ତମ ଜୀବନସାଥୀ ମିଳିଯିବା ଆଶାରେ ଭିନ ଭିନ ମ୍ୟାଟ୍ରିମୋନିଆଲ ସାଇଟ୍‌ରେ ନିଜ ପ୍ରୋଫାଇଲ ପ୍ରସ୍ତୁତ କରୁଛନ୍ତି । ହେଲେ ଏବେ ଅନେକ ମ୍ୟାଟ୍ରିମୋନିଆଲ ସାଇଟ୍ ପାର୍ଟନର ଖୋଜିବା ସ୍ଥାନରେ ଧୋକାବାଜୀର ଆଡ୍ଡା ପାଲଟିଯାଇଛି । ଏହି ସାଇଟ୍‌ଗୁଡ଼ିକରେ ପ୍ରଥମେ ଅନେକ ଲୋଭନୀୟ ଅଫରର ଆଶା ଦିଆଯାଉଛି ଓ ପରେ ଆଶାୟୀଙ୍କ ପକେଟ ଖାଲି କରିଦିଆଯାଉଛି । ଏହା ବ୍ୟତୀତ ଯଦିବି କିଞ୍ଚିତ ବିବାହ ସମ୍ଭବ ହେଉଛି, ସେଥିରେ ମିଥ୍ୟା ଓ ପ୍ରତାରଣା ଭରିରହୁଛି । ଯେପରିକି ପୁଅ ହେଉ କି ଝିଅ, କିଏ ନିଜ ବୟସ, ଚାକିରି, ପରିବାର ସମ୍ପର୍କରେ ମିଥ୍ୟା ତଥ୍ୟ ଦେଉଛି ତ ଆଉ କିଏ ବିବାହିତ, ସ୍ୱାମି ପରିତ୍ୟକ୍ତ କିମ୍ବା ବିଧାବ ହୋଇ ଏହାକୁ ଲୁଚାଉଛି । ଫଳରେ ଏହି ମଧ୍ୟ ଶେଷରେ ଉଗ୍ର ପାରିବାରିକ ବିଶୃଙ୍ଖଳାର ରୂପ ନେଉଛି । ସେଥିପାଇଁ ମ୍ୟାଟ୍ରିମୋନିଆଲ୍ ସାଇଟ୍‌ରେ ପ୍ରୋଫାଇଲ୍ ବନାଇବା ଓ ଯାଞ୍ଚ କରିବା ବେଳେ ସାବଧାନତା ଓ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ ।

ଯେ କୌଣସି ସାଇଟ୍‌ରେ ପ୍ରୋଫାଇଲ ପ୍ରସ୍ତୁତ କରିବା ପୂର୍ବରୁ ଏହା ସମ୍ପର୍କରେ ଭଲଭାବେ ଯାଞ୍ଚ କରିବା ଜରୁରୀ । ଏହି ସାଇଟ୍‌ର ରେଟିଂ କ'ଣ ରହିଛି, ଏହା ବିଶ୍ୱସନୀୟ କି ନୁହେଁ ଇତ୍ୟାଦି । ବିବାହ ଆଶାରେ ଆତୁର ହୋଇ ତରବରିଆ କୌଣସି ପଦକ୍ଷପ ନେବା ଉଚିତ୍ ନୁହେଁ । ତେବେ ଅନେକ ମ୍ୟାଟ୍ରିମୋନିଆଲ୍ ସାଇଟ୍ ବିଶ୍ୱସନୀୟ ହୋଇଥିବା ବେଳେ, କିଛି ଏପରି ସାଇଟ୍ ରହିଛି ଯାହାର ଲକ୍ଷ୍ୟ ହେଉଛି କେବଳ ଠକିବା । ଏମାନେ ଏପରି ପ୍ରୋଫାଇଲ୍ ପଠାନ୍ତି ଯାହାକୁ ଦେଖି ଯେକେହି ଖୁସି ହୋଇଯିବ । ଏହି ପ୍ରୋଫାଇଲ୍ ମାଧ୍ୟମରେ ଏମାନେ ବର କିମ୍ବା କନ୍ୟାପକ୍ଷଙ୍କୁ ଫେକ୍ ଫଟୋ ଦେଖାଇଥାନ୍ତି । ଶିକ୍ଷାଗତ ଯୋଗ୍ୟତା, ଚାକିରି ଓ ପରିବାର ସମ୍ପର୍କରେ ଆବଶ୍ୟକତାଠାରୁ ଅଧିକ ଭଲ ବୋଲି ଦର୍ଶାଇଥାନ୍ତି । ହେଲେ ଏହାର ବାସ୍ତବତାକୁ ଯାଞ୍ଚ କଲେ କୌଣସି ତଥ୍ୟ ଠିକ୍ ନ ଥିବା ଜାଣିବାକୁ ମିଳିଥାଏ । ଏହାଛଡ଼ା ଏହିସବୁ ସାଇଟ୍‌ଗୁଡ଼ିକରୁ ଭିନ୍ନ ଭିନ୍ନ ସବ୍‌କ୍ରିପ୍‌ଶନ କିଣିବାକୁ କୁହାଯାଇଥାଏ । ସେଲ୍‌ସ ଗର୍ଲମାନେ କଲ୍ କରି ଏହି ଆପ୍ ସମ୍ପର୍କରେ ମାଇଣ୍ଡୱାସ୍ କରିଥାନ୍ତି । ଏହି ଆପ୍‌ର ସବ୍‌ସ୍କ୍ରିପ୍‌ଶନ୍ ଖୁବ୍ ମହଙ୍ଗା, ତୁରନ୍ତ କିଣିଲେ ଶସ୍ତାରେ ହୋଇଯିବାର ଲୋଭ ଦେଖାଇଥାଆନ୍ତି । ବାରମ୍ବାର ଏପରି ଫୋନ୍ ଆସିଲେ ଏହାକୁ ଅଣଦେଖା କରିଦିଅନ୍ତୁ । ଅନେକ ନକଲି ମ୍ୟାଟ୍ରିମୋନିଆଲ୍ ସାଇଟ୍ କମ୍ ଖର୍ଚ୍ଚରେ ମହଙ୍ଗା ସବ୍‌ସ୍କ୍ରିପ୍‌ଶନ୍‌ର ଅଫର ୧ ମାସ କିମ୍ବା ୧ ବର୍ଷ ପାଇଁ ଦେଇଥାନ୍ତି । ଅନେକ ସମୟରେ ଏମାନେ ରିଲେଶନସିପ୍ ମ୍ୟାନେଜରର ସୁବିଧା ଦେବା ବାହାନାରେ ଏକ୍ସଟ୍ରା ଅର୍ଥ ମଧ ଲୁଟିଥାନ୍ତି । ଥରେ ଏମାନଙ୍କ ସବ୍‌ସ୍କ୍ରିପ୍‌ଶନ୍ କିଣିଦେବା ପରେ ଫ୍ୟାକ୍ଟ ଚେକ୍ କଲାବେଳକୁ ସବୁ ନକଲି ବୋଲି ଜଣାପଡ଼ିଥାଏ । ଏସବୁରୁ ବଞ୍ଚିବାକୁ ହେଲେ ବିଶ୍ୱସନୀୟ ଆପ୍ ଚୟନ କରି ପ୍ରୋଫାଇଲ୍ ବନାନ୍ତୁ । ପ୍ରୋଫାଇଲ୍ ମ୍ୟାଚ୍ ସମୟରେ ଅନ୍ୟପକ୍ଷର ବ୍ୟକ୍ତିଙ୍କ ସୁନ୍ଦରତା ଛଡ଼ା ବ୍ୟକ୍ତିତ୍ୱ, ରୋଜଗାର ମ୍ୟାଚ୍ କରୁଛି କି ନାହିଁ ତାହା ନିଶ୍ଚିତ ଦେଖନ୍ତୁ ।

## ଠକାମୀର ପ୍ରକାର

**ଫେକ୍ ପ୍ରୋଫାଇଲ୍:** ଧୋକାବାଜ୍‌ମାନେ ଏକ ନକଲି ପ୍ରୋଫାଇଲ୍ ପ୍ରସ୍ତୁତ କରିଥାନ୍ତି । ଏଥିରେ ଯେଉଁ ଯୁବତୀ କିମ୍ବା ଯୁବକଙ୍କ ଫଟୋ କିମ୍ବା ତଥ୍ୟ ଦିଆଯାଇଥାଏ ଏଥିରେ ବାସ୍ତବତା ନ ଥାଏ । କେବଳ ଆଶାୟୀଙ୍କ ଆଟ୍ରାକ୍ଟ କରିବା ଲାଗି ଏହି ପ୍ଲାନ୍ କରାଯାଇଥାଏ ।

**ଆର୍ଥିକ ଧୋକା:** ଧୋକାବାଜ୍‌ମାନେ ଆଶାୟୀଙ୍କଠାରୁ ବିଭିନ୍ନ ଆଳରେ ଅର୍ଥ ଲୁଟ୍‌ର ଉଦ୍ୟମ କରିଥାନ୍ତି । ଭିଜା, ଅନ୍ୟ ଡକ୍ୟୁମେଣ୍ଟ ପ୍ରସ୍ତୁତ ଲାଗି ଅର୍ଥ ମାଗିଥାନ୍ତି । ଏହାଛଡ଼ା ଅନ୍ୟାନ୍ୟ ଆର୍ଥିକ ଲାଭର ଲୋଭ ମଧ୍ୟ ଦେଖାଇଥାଆନ୍ତି । ଏହି ମୋହରେ ପଡ଼ିବା ମାତ୍ରେ ଅର୍ଥଶ୍ରାଦ୍ଧ ହେବାଟା ନିଶ୍ଚିତ ।

**ଭାବନାତ୍ମକ ଧୋକା:** ଏହି କ୍ଷେତ୍ରରେ ଧୋକାବାଜମାନେ ଆଶାୟୀଙ୍କ ସହ ପ୍ରେମର ନାଟକ ରଚିଥାନ୍ତି । ବିଭିନ୍ନ ଫଟୋ, ଭିଡିଓ ଓ ସୁନ୍ଦର କଥା ମାଧ୍ୟମରେ ଟାର୍ଗେଟ୍‌କୁ ବଶ କରିବା ପରେ ବିଭିନ୍ନ ଆଳରେ ଲୁଟିବା ଆରମ୍ଭ କରିଦେଇଥାନ୍ତି । ବାସ୍ତବତା ଜାଣିବା ପୂର୍ବରୁ ଆଶାୟୀ ଅନେକ କିଛି ହରାଇ ସାରିଥାଏ ।

**ବ୍ୟକ୍ତିଗତ ତଥ୍ୟର ଦୁରୁପଯୋଗ:** ସତ୍ୟାସତ୍ୟ ନ ବୁଝି କୌଣସି ବି ମ୍ୟାଟ୍ରିମୋନିଆଲ୍ ସାଇଟ୍‌ରେ ବ୍ୟକ୍ତିଗତ ତଥ୍ୟ ସେୟାର କରିଦେବା ଉଚିତ୍ ନୁହେଁ । ଏଭଳି ଭୁଲ୍ ଥରେ କରିଦେଲେ ଠକମାନେ ଏହି ବ୍ୟକ୍ତିଗତ ଡାଟାର ଦୁରୁପଯୋଗ କରି କୌଣସି ବି ବାଟରେ ଠକିପାରନ୍ତି । ଏଥିପ୍ରତି ଧାନ ଦେବା ଅତ୍ୟନ୍ତ ଜରୁରୀ ।

ବିବାହ ଆଶାରେ ମ୍ୟାଟ୍ରିମୋନିଆଲ୍ ସାଇଟ୍‌ରେ ସାମିଲ ହେବା ଭୁଲ୍ ନୁହେଁ । ହେଲେ ଏଥିଲାଗି ଅନେକ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ । ଯେଉଁ ସାଇଟ୍‌ରେ ପ୍ରୋଫାଇଲ୍ ବନାଉଛନ୍ତି ତାହାର ସତ୍ୟାସତ୍ୟ ଜାଣିବା ପ୍ରଥମ କର୍ତ୍ତବ୍ୟ । ଏହାପରେ ଯଦି କୌଣସି ବ୍ୟକ୍ତି ସ୍ୱଳ୍ପ ଭାବ ଆଦାନପ୍ରଦାନରେ ଖୁବ୍‌ଶୀଘ୍ର ବିବାହ ପ୍ରସ୍ତାବ ରଖେ ବା କିଛି ଅର୍ଥ ଦାବି କରେ ତେବେ ସାବଧାନ ହୋଇଯିବା ଜରୁରୀ । ଅଲକ୍ଷରେ ଏପରି ଠକଙ୍କ ଜାଲରେ ଫସିଗଲେ ତୁରନ୍ତ ନିକଟସ୍ଥ ପୋଲିସ କିମ୍ବା ଅନ୍ୟ ନ୍ୟାୟିକ ବ୍ୟବସ୍ଥାର ସହାୟତା ନିଅନ୍ତୁ । ବୈବାହିକ ଧୋକା ଏକ ଗମ୍ଭୀର ଅପରାଧ । ଏଥିରୁ ବଞ୍ଚିବାକୁ ହେଲେ ସାବଧାନତା ଓ ସତର୍କତା ବିଧେୟ ।






**ଆଜିକାଲି ଯେ କୌଣସି ବୟସ କିମ୍ବା ବର୍ଗର ବ୍ୟକ୍ତିତ୍ୱ ହୋଇଥାଆନ୍ତୁ, ସେମାନଙ୍କ ଜୀବନରେ ଅବସାଦର ସ୍ଥାନ ବଢି ବଢି ଚାଲିଛି । ଅବସାଦକୁ ନିୟନ୍ତ୍ରଣ ବା ପରିଚାଳନା ନକରିପାରି ଆମକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ମଧ୍ୟ ହେବାକୁ ପଡୁଛି । ଆସନ୍ତୁ ଜାଣିବା କିଭଳି ଆମେ ଏହି ଅବସାଦର ପରିଚାଳନା ବା ନିୟନ୍ତ୍ରଣ କରିପାରିବା ।**


ଆଜିକାଲିର ଏହି ବ୍ୟସ୍ତ ବହୁଳ ଜୀବନରେ ଅବସାଦ ଚିନ୍ତା ବଢି ଚାଲିଛି । ଅଫିସ ହେଉ କିମ୍ୱା ଘର ସବୁସ୍ଥାନରେ ପରିବେଶ ଚିନ୍ତା ଓ ଅଶାନ୍ତିରେ ଭରି ରହୁଛି । ତେବେ ଦୈନନ୍ଦିନ ଜୀବନରେ ଏଗୁଡିକର ନିୟନ୍ତ୍ରଣ ଓ ପରିଚାଳନା କରିବାର ଆବଶ୍ୟକତା ଅଧିକ ରହିଛି । ତେବେ ପ୍ରଥମେ ଆମକୁ ଏହାର କାରଣ କଣ ଜାଣିବାର ଅଛି, ଯାହାପରେ ଏହାକୁ ନିୟନ୍ତ୍ରଣ କରିବା ସହଜ ହୋଇଥାଏ । ଦୈନନ୍ଦିନ ଜୀବନରେ କେଉଁ କାରଣରୁ ଚିନ୍ତା ବଢୁଛି ଯେପରି ଆର୍ଥିକ, କାର୍ଯ୍ୟାଳୟରେ କାମର ପ୍ରେସର, ପରିବାରରେ ଅଶାନ୍ତି, ସ୍ୱାସ୍ଥ୍ୟ ସମସ୍ୟା ସେଗୁଡିକ ସମ୍ପର୍କରେ ପ୍ରଥମେ ଜାଣନ୍ତୁ । ଏହାକୁ ଜାଣିବା ପରେ ଷ୍ଟ୍ରେସ ମ୍ୟାନେଜ କରିବା ସହଜ ହୋଇଥାଏ । ବିଶେଷଭାବେ ଆମେ ଯେତେବେଳେ ଜୀବନରେ କିଛି କରିବାକୁ ଆହ୍ୱାନ ନେଇଥାଉ ହେଲେ ଏହାକୁ ପୂରଣ କରିବାରେ ଅସୁବିଧା ହୋଇଥାଏ ସେହି ସମୟରେ ଷ୍ଟ୍ରେସ ବା ଅବସାଦ ବଢିଥାଏ ।

## ପ୍ରଭାବ

ଅବସାଦର ଅନେକ ନକରାତ୍ମକ ପ୍ରଭାବ ଆମର ସ୍ୱାସ୍ଥ୍ୟ ଉପରେ ପଡିଥାଏ । ଶରୀରର ସମସ୍ତ ଅଙ୍ଗ ଉପରେ ଏହାର ପ୍ରଭାବ ରହିଛି । କେବଳ ଶରୀର ନୁହେଁ ଏହାର ଆମର ଦୈନନ୍ଦିନ ଜୀବନ ଉପରେ ମଧ୍ୟ ପ୍ରଭାବ ରହିଛି ।

**ସ୍ୱାସ୍ଥ୍ୟ:** ଅବସାଦ କାରଣରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ଏହି କାରଣରୁ ମୁଣ୍ଡବିନ୍ଧା, ଫଟିଗୋ, ଉଚ୍ଚ ରକ୍ତଚାପ, ପାଚନତନ୍ତ୍ର ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ । ଅଧିକ ଚିନ୍ତାରେ ରହିବା ଦ୍ୱାରା ଆମର ରୋଗପ୍ରତିରୋଧକ ଶକ୍ତି ମଧ୍ୟ କମିଥାଏ ।

**ଭାବନାତ୍ମକ ପ୍ରଭାବ:** ଆଙ୍ଗଜାଇଟି, ଡିପ୍ରେସନ, ମୁଡ୍‌ସୁଇଂ ଭଳି ସମସ୍ୟା ଏହାର ପ୍ରଭାବରେ ଦେଖିବାକୁ ମିଳିଥାଏ । ଯେଉଁକାରଣରୁ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଦେଖିବାକୁ ମିଳିଥାଏ । ଅନେକଙ୍କ କ୍ଷେତ୍ରରେ ଅଧିକ ଷ୍ଟ୍ରେସରେ ରହିବା ଫଳରେ ମାନସିକ ବିକୃତି ମଧ୍ୟ ଦେଖିବାକୁ ମିଳିଥାଏ । ସେମାନଙ୍କ କ୍ଷେତ୍ରରେ କୌଣସି କଥାକୁ ମନେ ରଖିବା କଷ୍ଟକର ହୋଇଥାଏ । ସେହିଭଳି ସେମାନେ କୌଣସି ନିଷ୍ପତ୍ତି ନେଇ ପାରନ୍ତି ନାହିଁ । ଯାହାର ପ୍ରଭାବ ବିଶେଷଭାବେ ସେମାନଙ୍କ ଦୈନନ୍ଦିନ ଜୀବନରେ ଦେଖିବାକୁ ମିଳେ । ଏମାନଙ୍କ ବ୍ୟବହାରରେ ମଧ୍ୟ ବେଳେବେଳେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ନିଦ୍ରା ହୀନତା, ସବୁବେଳେ ଏକୁଟିଆ ରହିବାକୁ ପସନ୍ଦ କରିବା, ନିଶା ଦ୍ରବ୍ୟ ଅଧିକ ଖାଇବା, ଭୋକ ନଲାଗିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ ।



## କିଭଳି କରିବେ ନିୟନ୍ତ୍ରଣ

ତେବେ ଯଦି ଅଧିକ ସମସ୍ୟା ରହିଛି ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଡାକ୍ତରଙ୍କ ପରାମର୍ଶ ସହିତ ଘରେ ମଧ୍ୟ କିଛି ଉପାୟ ଆପଣାଇ ସୁସ୍ଥ ରହିପାରିବେ । କିଛି ଛୋଟଛୋଟ ବ୍ୟାୟାମ ସହିତ ହସଖୁସିରେ ରହି ଏହି ସମସ୍ୟା ଦୂରେଇହେବ । ପ୍ରତିଦିନ ବ୍ୟାୟାମ କରିବା ଫଳରେ ଅବସାଦ କମ ହୋଇଥାଏ । ଏହାଦ୍ୱାରା ଶରୀରର ଷ୍ଟ୍ରେସ ହର୍ମୋନ ନିୟନ୍ତ୍ରଣରେ ରହିଥାଏ । ସେହିଭଳି ଏହା ମୁଡକୁ ମଧ୍ୟ ଫ୍ରେସ ରଖିଥାଏ । ସକାଳୁ ଚାଲିବା ହେଉ କି ଧ୍ୟାନ କରିବା ହେଉ ସମସ୍ତ କଥା ଆପଣଙ୍କୁ ଅବସାଦ ମୁକ୍ତ ରହିବାରେ ସାହାଯ୍ୟ କରିବ । ସେହିଭଳି ଏକୁଟିଆ ନରହି ସବୁବେଳେ ସାଙ୍ଗମାନଙ୍କ ସହିତ ରୁହନ୍ତୁ । ପରିବାର ହେଉ କିମ୍ବା ସାଙ୍ଗସାଥୀ ସମସ୍ତଙ୍କ ସହିତ ସମୟ ବିତାଇ ପାରିବେ । ଯାହା ଫଳରେ ଆପଣଙ୍କର ଷ୍ଟ୍ରେସ ଲେବଲ କମିବ । ସେହିଭଳି ଯେଉଁ କାମରୁ ଅବସାଦ ମିଳୁଛି ସେଥିରୁ ନିବୃତ୍ତ ରୁହନ୍ତୁ । ସବୁବେଳେ ମନକୁ ଖୁସି ରଖିବା ଭଳି କାମ କରନ୍ତୁ । ଖାଲି ସମୟରେ ଚିତ୍ର ଆଙ୍କିବା, ସିନେମା ଦେଖିବା, ଗୀତ ଶୁଣିବା, ଗପ ପଢିବା, କିଛି ଭଲ ବହି ପଢିବା ଆଦି କାମ କରନ୍ତୁ ।

ଆଜିକାଲି ପରବେଶ ପ୍ରଦୂଷଣକୁ ରୋକିବା ପାଇଁ  ଇଭିର ବ୍ୟବହାର ବଢିବାରେ ଲାଗିଛି । ଯେଉଁଥିପାଇଁ ବ୍ୟାଟେରୀର ଆବଶ୍ୟକତା ବଢୁଛି । ତେବେ ବ୍ୟାଟେରୀ ନିର୍ମାଣ ପାଇଁ ହେଉଥିବା କଞ୍ଚାମାଲରେ ମଧ୍ୟ ପରିବେଶ ପ୍ରଦୁଷଣକାରୀ ସାମଗ୍ରୀ ସାମିଲ ରହୁଛି । ତେଣୁ ବର୍ତ୍ତମାନ ଏହା ଉପରେ ଗୁରୁତ୍ୱ ଦିଆଯାଉଛି । ତେବେ ଏହି କ୍ଷେତ୍ରରେ ଦୁଇଜଣ  ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି । ଜୟପୁରର ଅକ୍ଷୟ ଓ ମାହି ସିଂ ନାମକ ଦୁଇଜଣ ଯୁବକ ପ୍ରସ୍ତୁତ କରିଛନ୍ତି ନାନୋକାର୍ବନ, ଯାହାକୁ ସେମାନେ ନଡିଆ ଆବର୍ଜନାରୁ ପ୍ରସ୍ତୁତ କରିଛନ୍ତି । ଏହି ନାନୋ କାର୍ବନର ବ୍ୟବହାରରେ ବ୍ୟାଟେରୀଗୁଡିକର କାର୍ଯ୍ୟକ୍ଷମତା ୧୨୫ ପ୍ରତିଶତ ବଢିବ ବୋଲି ସେମାନେ ଦାବି କରିଛନ୍ତି । ବିଶେଷଭାବେ ସେମାନେ ଏଗ୍ରିୱେଷ୍ଟ ବା କୃଷି ଆବର୍ଜନା ବ୍ୟବହାର କରି ଏହି ବ୍ୟାଟେରୀ ଗୁଡିକର ନିର୍ମାଣ କରିଛନ୍ତି । ବ୍ୟାଟେରୀଗୁଡିକ ଏଥିରୁ ନିର୍ମାଣ ହେବା ଫଳରେ ଏଥିପାଇଁ ବ୍ୟବହାର ହେଉଥିବା ବିଭିନ୍ନ ପ୍ରଦୂଷଣକାରୀ ସାମଗ୍ରୀରୁ ମୁକ୍ତି ମିଳିବ । ପ୍ରଥମେ କୃଷି ବର୍ଜ୍ୟବସ୍ତୁକୁ ରିସାଇକେଲ କରିବାର କାମ ଆରମ୍ଭ ହୋଇଥିଲା । ଧୀରେଧୀରେ ଏଥିରୁ ନାନୋକାର୍ବନ ପ୍ରସ୍ତୁତ କରାଯାଇଥିଲା । ଯାହାପରେ ସେମାନେ ନିଜର ଷ୍ଟାର୍ଟଅପ୍ ଲଞ୍ଚ କରିବା ସହିତ ଏହି ଦିଗରେ କାମ ଆରମ୍ଭ କରିଥିଲେ । ଏହାକୁ ପ୍ରସ୍ତୁତ କରିବା ପାଇଁ ସେମାନେ ୧୫ ପ୍ରକାରର ଆବର୍ଜନାକୁ ବ୍ୟବହାର କରିଥାଆନ୍ତି । ଏଥିରେ ନଡିଆ ଖୋଳ, ନଡିଆ କତା, କାଗଜ ଆବର୍ଜନା, ମଣିଷ ଚୁଟି, ତାଳ ଚୋପା ଆଦି ସାମିଲ ରହିଛି । ତେବେ ସବୁଠାରୁ ଅଧିକ ସେମାନେ ନଡିଆ ଖୋଳକୁ ବ୍ୟବହାର କରି ଥାଆନ୍ତି । ଏହି ଆବର୍ଜନାକୁ ଫ୍ୟାକ୍ଟ୍ରିରେ ପ୍ରୋସେସ କରିବା ପରେ ସେମାନେ  ଏକ ପ୍ରକାରର କଳା ରଙ୍ଗର ଗୁଣ୍ଡ ପାଇଥାଆନ୍ତି ଯାହା ହେଉଛି ନାନୋକାର୍ବନ । ଏହା ବର୍ତ୍ତମାନ ବ୍ୟାଟେରୀରେ ବ୍ୟବହୃତ ହେଉଥିବା ସାମଗ୍ରୀଠାରୁ ଭଲ ବୋଲି ନିର୍ମାଣକାରୀ ସଂସ୍ଥା ଦାବି କରିଛି । ଏହି ନାନୋକାର୍ବନ ବ୍ୟବହାର କରି ପ୍ରସ୍ତୁତ ହୋଇଥିବା ବ୍ୟାଟେରୀର ଲାଇଫ୍‌ସ୍ପାନ୍ ବର୍ତ୍ତମାନର ଖାଲି ବ୍ୟାଟେରୀ ଠାରୁ ଅଧିକ । ଏହି ଷ୍ଟାର୍ଟଅପର ନାଁ କାନ୍‌କେରୀ ଥିବାବେଳେ ଏହାକୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ନାନୋକାର୍ବନରୁ ପ୍ରସ୍ତୁତ ବ୍ୟାଟେରୀ ବ୍ୟବହାର କରି କୌଣସି ବି ବାଇକ୍ ୨୨୫ କିମିର ରାସ୍ତା ଯାଇପାରିବେ । ହେଲେ  ବର୍ତ୍ତମାନର ବ୍ୟାଟେରୀ ବ୍ୟବହାର କରି ଏହି ଗାଡି ମାତ୍ର ୧୦୦ କିମି ଯାତ୍ରା କରିପାରିବେ ।







# କୃଷି ଆବର୍ଜନାରୁ ନାନୋକାର୍ବନ

**ବର୍ତ୍ତମାନ ସବୁଦେଶର ଗୋଟିଏ ଚେଷ୍ଟା ରହିଛି ପ୍ରଦୂଷଣ କମାଇବା । ଯେଉଁଥିପାଇଁ ମାର୍କେଟ୍‌ରେ ଇଭି(ଇଲେକ୍‌ଟ୍ରିକ ଭେଇକିଲ୍)ର ଚାହିଦା ବଢୁଛି, କାରଣ ଗାଡି ମଟରରୁ ଅଧିକ କାର୍ବନ ନିର୍ଗମନ ହୋଇ ପରିବେଶ ପ୍ରଦୂଷଣ ବଢାଇଥାଏ । ତେବେ ଜୟପୁରର ଅକ୍ଷୟ ଓ ମାହି ଆବିଷ୍କାର କରିଛନ୍ତି ନାନୋକାର୍ବନ ଯାହା ପରିବେଶ ପାଇଁ ଖୁବ ଉପକାରୀ ।**



## କାର୍ବନର ନକାରାତ୍ମକ ପ୍ରଭାବ

କାର୍ବନର ଅନେକ ନକରାତ୍ମକ ପ୍ରଭାବ ଆମ ପରିବେଶ ଉପରେ ଦେଖିବାକୁ ମିଳିଥାଏ । ଏହାର ବିଶେଷଭାବେ ପ୍ରଭାବ ପରିବେଶ ପ୍ରଦୂଷଣ,ଜଳବାୟୁ ପରିବର୍ତ୍ତନ ଉପରେ ଦେଖିବାକୁ ମିଳିଥାଏ । ସେହିଭଳି ଏହା ବିଭିନ୍ନ ରୂପରେ ପରିବେଶରେ ମିଶିଥାଏ ଯଥା କାର୍ବନ ଡାଇଅକ୍ସାଇଡ୍, ମିଥେନ୍ । ଏହା ଗ୍ଲୋବାଲୱାର୍ମିଂର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ । ଏହାର ଲେବଲ ବଢିବା ଫଳରେ ପୃଥିବୀର ତାପମାତ୍ରା ବଢିଥାଏ ଯାହା ବିଭିନ୍ନ ସମସ୍ୟା ଯେପରି ଗ୍ଲେସିଅର ତରଳିବା, ସମୁଦ୍ର ପତନ ବଢିବା, ମରୁଡି,ସୁନାମି, ବନ୍ୟା, ବାତ୍ୟା ଆଦିର କାରଣ ପାଲଟିଥାଏ । ଏହାର ପ୍ରଭାବ ଉଦ୍ଭିଦ ଜଗତ ଓ ପ୍ରାଣୀ ଜଗତ ଉପରେ ମଧ୍ୟ ପଡିଥାଏ । କେବଳ ସ୍ଥଳଭାଗ ନୁହେଁ ଏହାର ପ୍ରଭାବ ଆମର ଜଳଚର ପ୍ରାଣୀ ବା ସମୁଦ୍ର ଉପରେ ମଧ୍ୟ ରହିଛି । ଏହା ଯେତେବେଳେ ସମୁଦ୍ରସହିତ ମିଶିଥାଏ ସେତେବେଳେ କାର୍ବନିକ୍ ଏସିଡ ଉତ୍ପନ୍ନ ହୋଇଥାଏ । ଯାହା ସମୁଦ୍ରପାଣିର ପିଏଚ୍ ସ୍ତରକୁ କମାଇଥାଏ, ଯାହାର ନକାରାତ୍ମକ ପ୍ରଭାବ ଜଳଚର ପ୍ରାଣୀଙ୍କ ଉପରେ ପଡିଥାଏ । ସୋନଙ୍କ ଖାଦ୍ୟ ଶୃଙ୍ଖଳ ଉପରେ ଏହାର ବିଶେଷ ପ୍ରଭାବ ପଡିଥାଏ । ଆଜିକାଲି ବଢୁଥିବା ବାୟୁ ପ୍ରଦୂଷଣ ପ୍ରମୁଖ କାରଣ ସାଜିଛି କାର୍ବନ । ବିଭିନ୍ନ ଇନ୍ଧନରୁ ବାହାରୁଥିବା ପ୍ରଦୂଷକ ବାୟୁ ପ୍ରଦୂଷଣର କାରଣ ସାଜିଥାଏ, ଯେଉଁଥିରେ କାର୍ବନମୂଳ ତତ୍ତ୍ୱ ରହିଥାଏ । ତେଣୁ ବର୍ତ୍ତମାନ କାର୍ବନର ବ୍ୟବହାର କିଭଳି କମାଯାଇପାରିବ ସେ ଦିଗରେ ପୁରା ବିଶ୍ୱ କାର୍ଯ୍ୟ କରୁଛି । ଏଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଲୋକଙ୍କୁ ମଧ୍ୟ ଏଦିଗରେ ସଚେତନ କରାଯାଉଛି ।




## ❒ ରୋଲେକ୍ସ

୧୯୦୫ରେ ଲଣ୍ଡନ୍‌ରେ ପ୍ରତିଷ୍ଠା ହୋଇଥିଲା ରୋଲେକ୍ସ ୱାଚ୍ ବ୍ରାଣ୍ଡ୍ । ହେଲେ ୧୯୦୮ରେ ଏହାର ଅଫିସ୍ ସୁଇଜରଲାଣ୍ଡ୍‌ରେ ତିଆରି କରାଯାଇଥିଲା । ଏହି ବ୍ରାଣ୍ଡ୍‌ର ଘଣ୍ଟା ସବୁସ୍ଥାନରେ ଲଗ୍ଜୁରୀ ଘଣ୍ଟା ଭିତରେ ଅଧିକ ବିକ୍ରିର ତଥ୍ୟା ରହିଛି । ଭାରତରେ ମଧ୍ୟ ଏହି ବ୍ରାଣ୍ଡ୍ ସବୁଠାରୁ ଆଗରେ ରହିଛି । ଏହି ବ୍ରାଣ୍ଡ୍‌ର ରୋଲେକ୍ସ ସବ୍‌ମରିନର୍ ଘଣ୍ଟା ସବୁଠାରୁ ଅଧିକ ବିକ୍ରି ହୋଇଥାଏ । ଯାହାର ଦାମ ହେଉଛି ୧୦ ରୁ ୧୫ ଲକ୍ଷ । ଏହାକୁ ଡାଇଭ୍ ୱାଚ୍‌ର ଆଖ୍ୟା ମଧ୍ୟ ଦିଆଯାଇଥାଏ । ଏହା ନିଜର ସ୍ୱତନ୍ତ୍ର ଡିଜାଇନ୍ ଓ ସ୍ଥାୟୀତ୍ୱ ପାଇଁ ପରିଚିତ ।

## ❒ ଓମେଗା

ଲଗ୍ଜୁରୀ ୱାଚ୍ ବ୍ରାଣ୍ଡ୍ ଭିତରେ ଓମେଗାର ନାଁ ସବୁବେଳେ ଆଗରେ ଥାଏ । ୧୮୪୮ରେ ଏହି କମ୍ପାନୀକୁ ସୁଇଜରଲାଣ୍ଡ୍‌ରେ ପ୍ରତିଷ୍ଠା କରାଯାଇଥିଲା । ଭାରତରେ ଏହି କମ୍ପାନୀର ସିମାଷ୍ଟର ମଡେଲ୍ ଖୁବ ଅଧିକ ଲୋକପ୍ରିୟ ଓ ଅଧିକ ବିକ୍ରି ମଧ୍ୟ ହୋଇଥାଏ । ଏହି ମଡେଲର ଦାମ ୪ରୁ ୧୨ ଲକ୍ଷ ଭିତରେ ରହିଥାଏ । ଏହି ଘଣ୍ଟାଟି ବିଶେଷଭାବେ ଅଫିସ୍ ଗୋଇଁ ଲୋକଙ୍କ ଭିତରେ ଖୁବ ପରିଚିତ । କିଛି ପ୍ରଫେସନାଲ କାମ ହେଲେ ଆଗ ଏହି ଘଣ୍ଟାକୁ ଖୋଜା ଯାଇଥାଏ । ଏହା ନିଜର ସ୍ୱତନ୍ତ୍ର ଡିଜାଇନ୍ ପାଇଁ ସମସ୍ତଙ୍କର ପ୍ରଥମ ପସନ୍ଦ ହୋଇଥାଏ ।

## ❒ ଅର୍ଡେମାସ ପିଗୁଏଟ୍ ରୟାଲ

ଲଗ୍ଜୁରୀ ୱାଚ୍‌ର ଇତିହାସରେ ଏହି ଘଣ୍ଟାଟି ହେଉଛି ସବୁଠାରୁ ଆଇକନିକ୍ ଘଣ୍ଟା । ଏହି କମ୍ପାନୀ ମଡର୍ଣ୍ଣ ଲଗ୍ଜୁରୀ ୱାଚ୍‌ର ପରିଭାଷାକୁ ବଦଳାଇଛି । ଏହାକୁ ୧୮୭୫ମସିହାରେ ସୁଜରଲାଣ୍ଡରେ ପ୍ରତିଷ୍ଠା କରାଯାଇଥିଲା । ଏହାର ସବୁ ମଡେଲ୍ ନିଜର ସ୍ୱତନ୍ତ୍ର ଡିଜାଇନ୍ ପାଇଁ ଖୁବ ଲୋକପ୍ରିୟ । ଏହାର ରୟାଲ ଓକ୍ ମଡେଲ ଭାରତରେ ବିକ୍ରି ହେଉଥିବା ଲଗ୍ଜୁରୀ ୱାଚ୍ ତାଲିକାରେ ସାମିଲ ରହିଛି । ଏହାର ଦାମ ୨୦ ରୁ ୪୦ ଲକ୍ଷ । ଏହା ଏଭଳି ଏକ ପିସ୍ ଯେଉଁଥିରେ ଇନୋଭେସନ ସହିତ ଟ୍ରାଡିସନ ମିଶି ରହିଛି ।

## ❒ ପାଟେକ୍ ଫିଲିପ୍

ପାଟେକ୍ ଫିଲିପ୍ ଘଣ୍ଟା ମାର୍କେଟ୍‌ର ଏକ ନାମକରା ବ୍ରାଣ୍ଡ୍ ଯାହା ଅନେକ ଲୋକଙ୍କର ତାଲିକାରେ ସବୁଠାରୁ ଆଗରେ ରହିଥାଏ ।

**ଘଣ୍ଟା ପିନ୍ଧିବା ସମସ୍ତଙ୍କର ସଉକ ହୋଇଥାଏ, ତେଣୁ ସବୁବେଳେ ସମସ୍ତଙ୍କ ଭିତରେ ଘଣ୍ଟା ସମ୍ପର୍କରେ ତଥ୍ୟ ଜାଣିବାକୁ ଆଗ୍ରହ ରହିଥାଏ । ଆସନ୍ତୁ ଜାଣିବା ଭାରତର ୧୦ ଟି ଏଭଳି ଲଗ୍ଜୁରୀ ଘଣ୍ଟା ସମ୍ପର୍କରେ ଯାହା ସବୁଠାରୁ ଅଧିକ ବିକ୍ରି ହୋଇଥାଏ ।**





ଏହା ୧୮୩୯ରେ ସୁଇଜରଲାଣ୍ଡରେ ପ୍ରତିଷ୍ଠା କରାଯାଇଥିଲା । ଏହାର ନଟିଲସ୍ ବ୍ରାଣ୍ଡ୍ ଭାରତରେ ଖୁବ ଲୋକପ୍ରିୟ । ଲଗ୍ଜୁରୀ ୱାଚ୍‌କୁ ଭଲ ପାଉଥିବା ଲୋକଙ୍କ ପାଖରେ ଏହି କଲେକସନ ଯେମିତି ହେଲେ ରହିଥାଏ । ଏହାର ଦାମ ୫୦ ରୁ ୬୦ ଲକ୍ଷ ଭିତରେ ରହିଥାଏ । ଏହାର ୟୁନିକ୍ ଡିଜାଇନ୍ ସମସ୍ତଙ୍କୁ ଖୁବ ପସନ୍ଦ ଆସିଥାଏ । ଏହାର ଏଲିଗାଣ୍ଟ ଡିଜାଇନ୍ ସବୁ ବର୍ଗର ଲୋକଙ୍କୁ ପସନ୍ଦ ଆସିଥାଏ ।

## ❒ କାର୍ଟିୟର

କାର୍ଟିୟର ୱାଚ୍ ଲଗ୍ଜୁରୀ ୱାଚ୍ ବ୍ରାଣ୍ଡ ଭିତରେ ଖୁବ ସୁନ୍ଦର । ଏହାର ଘଣ୍ଟାକୁ ଲୋକ ଗହଣା ସହିତ ତୁଳନା କରିଥାଆନ୍ତି । ଏହି ବ୍ରାଣ୍ଡ୍‌ର ସାଣ୍ଟୋସ୍ – ଡୁମୋଣ୍ଟ ମଡେଲଟି ଖୁବ ପପୁଲାର । ଏହି ମଡେଲ୍‌ର ଦାମ ୪ ରୁ ୮ଲକ୍ଷ ଟଙ୍କା ରହିଥାଏ । ଏହାର ସ୍କୋୟାର କେସ୍ ସମସ୍ତଙ୍କୁ ଖୁବ ପସନ୍ଦ ଆସିଥାଏ । କିଛି ଲୋକଙ୍କୁ ଏହା ଭିଣ୍ଟେଜ ଫିଲିଂ ଦେଇଥାଏ ।



# ମନସୁନ୍ ସିଟି

ମହାବଲିପୁରମ୍‌ରେ ଅନେକ ଏଭଳି ସ୍ଥାନ ରହିଛି ଯାହାକୁ ଆପଣ ବୁଲିବା ସହିତ ଏଠାରେ ଏଭଳି ଅନେକ ଆକ୍ଟିଭିଟି ମଧ୍ୟ ରହିଛି ଯାହା ଆପଣ କରିପାରିବେ । ଏଠାରେ ଏଭଳି କିଛି ମନ୍ଦିର ରହିଛି ଯାହାକୁ ୟୁନେସ୍କୋ ତାଲିକାରେ ମଧ୍ୟ ସ୍ଥାନ ଦିଆଯାଇଛି ।

## ଶୋର ମନ୍ଦିର

ଏହା ସହରର ଯେପରି ଏକ ଲ୍ୟାଣ୍ଡମାର୍କ । ଏଠାକୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଥରେ ହେଉପଛେ ଏହି ମନ୍ଦିରକୁ ବୁଲିବାକୁ ଆସନ୍ତି । ଏହି ମନ୍ଦିରଟି ସମୁଦ୍ରକୂଳରେ ଥିବାରୁ ଏହାକୁ ଦେଖିବାକୁ ଲୋକଙ୍କର ଭିଡ ଜମିଥାଏ । ଏହାର ସ୍ୱତନ୍ତ୍ର ଡିଜାଇନ୍ ପର୍ଯ୍ୟଟକଙ୍କୁ ଖୁବ ପସନ୍ଦ ଆସିଥାଏ ।



## ପଞ୍ଚରଥ

ଏହା ପଥରରେ ନିର୍ମିତ ଏକ ସ୍ଥପତ୍ୟ ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥାଏ । ଏଠାରେ ପଥରରେ ବିଭିନ୍ନ କାରୁକାର୍ଯ୍ୟ ଖୋଦିତ ହୋଇଥିବାର ଦେଖିବାକୁ ମିଳିଥାଏ । ଏଠାରେ ପାଞ୍ଚଟି ସ୍ଥାନ ରହିଛି ଯାହାକୁ ପାଣ୍ଡବଙ୍କ ନାମ ଅନୁସାରେ ନାମିତ କରାଯାଇଛି । ମହାବଲିପୁରମ୍ ଆସିଲେ ଏଠାକୁ ଆସିବାକୁ ଯମାରୁ ଭୁଲନ୍ତୁ ନାହିଁ ।

## ଅର୍ଜୁନଙ୍କ ତପସ୍ୟା

ଏହା ଏକ ଖୁବ ସୁନ୍ଦର ସ୍ମାରକ, ଯାହା ସେଠିକାର ସ୍ଥାନୀୟ ଲୋକଙ୍କ ଭିତରେ ଅର୍ଜୁନଙ୍କ ତପସ୍ୟା ଭାବରେ ପରିଚିତ । ଏହାକୁ ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ତାଲିକାରେ ମଧ୍ୟ ସାମିଲ କରାଯାଇଛି । ଏଠାରେ କାନ୍ଥରେ ଖୋଦେଇ କରାଯାଇ ମହାଭାରତ ବିଷୟରେ ତଥ୍ୟ ଦିଆଯାଇଛି । ଏଠାରେ ଥିବା ପଥରର ହାତୀ ଖୁବ ସୁନ୍ଦର ହୋଇଥାଏ । ଏଠାରେ ପାଖାପାଖି ୧୪୬ ଖୋଦେଇ କାରୁକାର୍ଯ୍ୟ ରହିଛି ଦେଖିବାକୁ ।

## ସିସେଲ୍ ମ୍ୟୁଜିୟମ

ଏଠାରେ ଥିବା ଏକ ସଂଗ୍ରହାଳୟରେ ସମୁଦ୍ରରେ ମିଳୁଥିବା ଶାମୁକାଙ୍କୁ ସାଇତାଯାଇ ରଖା ଯାଇଛି । ଏହି ସଂଗ୍ରହାଳୟରେ ଆପଣ ବିଭିନ୍ନ ପ୍ରକାରର ଶାମୁକା ଦେଖିବାକୁ ପାଇବେ । ଏଗୁଡିକ ରଙ୍ଗ ଓ ଆକାରରେ ବିଭିନ୍ନ ପ୍ରକାର ହୋଇଥାଆନ୍ତି । ଏହି ସଂଗ୍ରହାଳୟ ଦେଖିବାକୁ ଖୁବ ସୁନ୍ଦର ହୋଇଥାଏ । ପର୍ଯ୍ୟଟକମାନେ ଏଠାରୁ ଖୁବ ସୁନ୍ଦରସ୍ମୃତି ନେଇ ଘରକୁ ଫେରିଥାଆନ୍ତି । ଏଠାରେ ବିଶ୍ୱର ସବୁଠାରୁ ଛୋଟ ଶାମୁକାକୁ ମଧ୍ୟ ସାଇତି ରଖା ଯାଇଛି ।

**ମୌସୁମୀକୁ ଅନେକ ଲୋକ ଅପେକ୍ଷା କରିଥାଆନ୍ତି ବୁଲିବାକୁ ଯିବା ପାଇଁ । ସେମାନେ ମୌସୁମୀ ବାୟୁ ଭାରତ ଛୁଇଁବା ପରେ ନିଜ ଛୁଟି ପ୍ଲାନିଂ କରିଥାଆନ୍ତି । ସେମାନଙ୍କ ପାଇଁ ଭାରତରେ ଅନେକ ସହର ବିକଳ୍ପଭାବେ ରହିଛି, ଯେଉଁଥିରୁ ତାମିଲନାଡୁର ମହାବଲିପୁରମ ଅନ୍ୟତମ ।**



## ଖାଦ୍ୟରେ ରହିଛି ସ୍ୱତନ୍ତ୍ରତା

ଏଠାରେ ମିଳୁଥିବା ଲୋକାଲ ଷ୍ଟ୍ରିଟ ଫୁଡ ମଧ୍ୟ ବେଶ୍ ସ୍ୱାଦିଷ୍ଟ ସହିତ ଭିନ୍ନ ହୋଇଥାଏ । ଏଠାରେ ସିଝା ଚଣାରୁ ପ୍ରସ୍ତୁତ ହୋଇଥିବା ଏକ ଜଳଖିଆ ମିଳିଥାଏ ଯାହାକୁ ସୁନ୍‌ଡାଲ କହିଥାଆନ୍ତି, ଏହାର ସ୍ୱାଦ ଖୁବ ନିଆରା ହୋଇଥାଏ । ସେହିଭଳି ଏଠିକାର ପ୍ରସିଦ୍ଧ ଖାଦ୍ୟ ହେଲା ମୁରୁକ୍କ ଓ ବଡା, ଏହାର ସ୍ୱାଦ ମଧ୍ୟ ଖୁବ ଭଲ ହୋଇଥାଏ । ଅନ୍ୟ ଖାଦ୍ୟ ତାଲିକାରେ ମସଲା ମାଛ, ଭେଜ କୋରମା, ଫିଲ୍ଟର କଫି ଆଦି ସାମିଲ ରହିଛି, ଯାହାକୁ ପର୍ଯ୍ୟଟକ ଖୁବ ପସନ୍ଦ କରନ୍ତି ଖାଇବାକୁ ।



**ସରିଛି ୭୨ତମ ବିଶ୍ୱସୁନ୍ଦରୀ ପ୍ରତିଯୋଗିତା । ବାଜି ମାରିଛନ୍ତି ଥାଇଲାଣ୍ଡର ଓପଲ ସୁଚାତା । ହେଲେ ଏହି ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ରାଜସ୍ଥାନର ନନ୍ଦିନୀ । ଯାହାଙ୍କୁ ନେଇ ପୂରା ଦେଶ ଏବେ ଗର୍ବ କରୁଛି ।**

# ଆତ୍ମବିଶ୍ୱାସ ଦେଇଥାଏ ସଫଳତା



ଚଳିତ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଭାରତର ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ଚଳିତଥରର ହୋଷ୍ଟ ନିଜେ ଭାରତ ସାଜିଥିଲା । ଭାରତର ହାଇଦ୍ରାବାଦରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ତେବେ ଏଥିରେ ଭାରତ ବିଜେତା ହୋଇ ନଥିଲେ ମଧ୍ୟ ବେଶ୍ ଆଗକୁ ଯାଇଥିଲେ ଭାରତୀୟ ପ୍ରତିଯୋଗୀ । ଭାରତକୁ ଏହି ପ୍ରତିଯୋଗିତାରେ ରାଜସ୍ଥାନର ନନ୍ଦିନୀ ଗୁପ୍ତା ରିପ୍ରେଜେଣ୍ଟ କରୁଥିଲେ, ଯାହାଙ୍କୁ ଶ୍ରେଷ୍ଠ ୨୦ଜଣଙ୍କ ଭିତରେ ସ୍ଥାନିତ କରାଯାଇଥିଲା । ରାଜସ୍ଥାନରେ ୨୦୦୩ରେ ଜନ୍ମ ହୋଇଥିବା ନନ୍ଦିନୀ ପିଲାଟିଦିନୁ ଅଭିନୟ, ନୃତ୍ୟ ଓ ମଡେଲିଂ ପାଇଁ ରୁଚି ରଖିଥିଲେ । କୋଟାରେ ପିଲାଦିନ କାଟିଥିବା ନନ୍ଦିନୀ ବର୍ତ୍ତମାନ ମୁମ୍ବାଇର ଏକ କଲେଜରେ ଅଧ୍ୟୟନ ରତ । ତେବେ ମାତ୍ର ୧୯ ବର୍ଷରେ ତାଙ୍କର ବିୟୁଟି ପେଜାଣ୍ଟ ଜିତିବାର ଧାରା ଆରମ୍ଭ ହୋଇ ଯାଇଥିଲା । ୨୦୨୩ରେ ଫେମିନା ମିସ ଇଣ୍ଡିଆ ପ୍ରତିଯୋଗିତାରେ ବିଜେତା ହୋଇଥିଲେ । ଯାହା ଥିଲା ତାଙ୍କ ସଫଳତାର ପ୍ରଥମ ସିଡ଼ି । ଏହାପୂର୍ବରୁ ସେ ମିସ ରାଜସ୍ଥାନ ପ୍ରତିଯୋଗିତାରେ ମଧ୍ୟ ସଫଳତା ପାଇ ସାରିଛନ୍ତି । ଏହାପରେ ୨୦୨୫ରେ ମାତ୍ର ୨୧ ବର୍ଷ ବୟସରେ ସେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ । ମାତ୍ର ୧୦ ବର୍ଷରୁ ମିସ୍ ଇଣ୍ଡିଆ ବନିବାର ସ୍ୱପ୍ନ ସେ ଦେଖୁଥିଲେ । ସବୁବେଳେ ନିଜ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମକୁ ପାଥେୟ କରି ଆଗକୁ ବଢ଼ିଛନ୍ତି ନନ୍ଦିନୀ । ଯଦି ଜଣେ ବ୍ୟକ୍ତି ନିଜକୁ ବଦଳେଇ ପାରିବ ତେବେ ସେ ଦୁନିଆକୁ ମଧ୍ୟ ବଦଳାଇ ପାରିବ ବୋଲି ନନ୍ଦିନୀ ବିଶ୍ୱାସ ରଖନ୍ତି । ତେବେ ମିସ୍‌ୱାର୍ଲ୍ଡରେ ଭାଗ ନେବା ଆଗରୁ ନନ୍ଦିନୀ ବଲିଉଡ ଡେବ୍ୟୁ କରି ସାରିଛନ୍ତି । କ୍ରାଇମ ଥ୍ରିଲର ଫିଲ୍ମ ଦି ହାଇଷ୍ଟରେ ସେ ସ୍ପେସାଲ ଆପିଅରାନ୍ସରେ ବଲିଉଡ ଡେବ୍ୟୁ କରିଛନ୍ତି । ତେବେ ଆଗକୁ ସେ ଜଣେ ସଫଳ ଅଭିନେତ୍ରୀ ହେବାକୁ ଆଶା ରଖିଛନ୍ତି । ସୋସିଆଲ ମିଡିଆରେ ମଧ୍ୟ ନନ୍ଦିନୀଙ୍କର ଖୁବ କ୍ରେଜ ଦେଖିବାକୁ ମିଳିଥାଏ । ନନ୍ଦିନୀଙ୍କର ସୋସିଆଲ ମିଡିଆରେ ଅନେକ ଫ୍ୟାନ୍ ଫଲୋଇଂ ରହିଛନ୍ତି ଯେଉଁମାନେ ତାଙ୍କୁ ଖୁବ ପସନ୍ଦ କରନ୍ତି । ଇନ୍‌ଷ୍ଟାଗ୍ରାମରେ ତାଙ୍କର ଅନେକ ଫ୍ୟାନ୍ ଫଲୋଇଂ ରହିଛନ୍ତି ଯେଉଁଠି ସେ ନିଜ ମଡେଲିଂ, ଫଟୋ ଶୁଟ ଓ ପ୍ରେଜେଣ୍ଟସନ୍‌ର ଅପଡେଟ୍ ସେୟାର କରି ଥାଆନ୍ତି । ନନ୍ଦିନୀଙ୍କର କେବଳ ସୋସିଆଲ ମିଡିଆ କ୍ରେଜ ରହିଛି ତାହା ନୁହେଁ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରନ୍ତି, ଯାହା ତାଙ୍କୁ ଭିଡ଼ ଭିତରେ ଭିନ୍ନ କରିଥାଏ । ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ତାଙ୍କ ଭିନ୍ନ ଶୈଳୀରେ ଉତ୍ତର ସମସ୍ତଙ୍କୁ ପସନ୍ଦ ଆସିଥିଲା । ସେ ଏକ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଭାରତକୁ ନାଁକୁ ନିଜ ଉପସ୍ଥାପନା ଶୈଳୀରେ ଖୁବ ଉପରକୁ କରିଛନ୍ତି । ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ନିଜର ଆଇଡଲ ମାନୁଥିବା ନନ୍ଦିନୀ ଆଗକୁ ବଲିଉଡରେ ଭଲ କ୍ୟାରିୟର କରିବାକୁ ଆଶା ରଖିଛନ୍ତି ।